## ସଂକ୍ଷେପରେ

### କଲେଜ ଛାତ୍ରୀଙ୍କୁ ଅପହରଣ ଅଭିଯୋଗ

ତିହିଡ଼ି, ୧୯।୩(ଡି.ଏନ୍.ଏ.): ଭଦ୍ରକ ଜିଲା ତିହିଡ଼ି ଥାନା ବୋଡ଼କ ଅଞ୍ଚଳର ଜଣେ କଲେଜ ପଢୁଆ ଛାତ୍ରୀଙ୍କୁ ଅପହରଣ କରି ନିଆଯାଇଥିବା ଅଭିଯୋଗ ହୋଇଛି। ପୋଲିସ ଏହି ଘଟଣାରେ ଏକ ମକଦ୍ଦମା (ନଂ. ୧୧୯/୧୯) ରୁଜୁକରି ତଦନ୍ତ ଚଳାଇଛି। ଗତ ୧୭ ତାରିଖରେ ଛାତ୍ରୀଜଣକ କଲେଜକୁ ପରୀକ୍ଷା ଦେବାକୁ ଯାଇ ଆଉ ଘରକୁ ଫେରି ନ ଥିଲେ। ପରିବାର ଲୋକେ ଖୋଜାଖୋଜି କରିବା ପରେ ତାଙ୍କୁ ଅପହରଣ କରି ନିଆଯାଇଥିବା ଜାଣିବାକୁ ପାଇଥିଲେ । ଏହାପରେ ଛାତ୍ରୀଙ୍କ ବାପା ମଙ୍ଗଳବାର ତିହିଡ଼ି ଥାନାର ଦ୍ୱାରସ୍ଥ ହୋଇଥିଲେ।

### ଉଜ୍ଜ୍ୱଳ ଅଭିବୃଦ୍ଧି ପ୍ରଶିକ୍ଷଣ ଉଦ୍‌ଯାପିତ

ଆରଡି, ୧୯।୩, (ଡି.ଏନ.ଏ.): ଭଦ୍ରକ ଜିଲା ଚାନ୍ଦବାଲି ବ୍ଲକ ଅଧୀନ ସୁନ୍ଦରପୁର -ଦୋହରାପାଟଣା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ମଠଡ଼ିହ ଓ ପହଣା କ୍ଲଷ୍ଟର ଅଧୀନରେ ଥିବା ସମସ୍ତ ବିଦ୍ୟାଳୟର ୩୭ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ୪ ଦିନ ଧରି ଉଜ୍ଜ୍ୱଳ ପ୍ରଶିକ୍ଷଣ ଦିଆଯାଇଛି। ସେଠାରେ ଏ ନେଇ ଆୟୋଜିତ ହୋଇଥିବା ଶିବିର ମଙ୍ଗଳବାର ଉଦ୍‌ଯାପିତ ହୋଇଥିଲା । ଶୁକ୍ରବାର ଏହି ପ୍ରଶିକ୍ଷଣ ଶିବିରକୁ ଚାନ୍ଦବାଲି ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀ ଉଦ୍‌ଘାଟନ କରିଥିଲେ । ଶିକ୍ଷକ ରଞ୍ଜୀବ କୁମାର ରାଉତ, ଗୋପବନ୍ଧୁ ବାରିକ, ବିକ୍ରମ କେଶରୀ ସାହୁ ପ୍ରଶିକ୍ଷାର୍ଥୀମାନଙ୍କୁ ପ୍ରଶିକ୍ଷଣ ଦେଇଥିଲେ। ପାଠପଢ଼ାରେ ପଛୁଆ ରହୁଥିବା ଛାତ୍ରୀଛାତ୍ରଙ୍କ ମାନସିକ ବିକାଶ ଘଟାଇବା ଏହି ପ୍ରଶିକ୍ଷଣର ମୁଖ୍ୟ ଉଦ୍ଦେଶ୍ୟ ଥିଲା । ମଠଡ଼ିହ କ୍ଲଷ୍ଟର ସିଆରସିସି ନିକୁଞ୍ଜ ବିହାରୀ କର, ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଅନିଲ କୁମାର ଦାସ ଶିବିର ପରିଚାଳନାରେ ସହଯୋଗ କରିଥିଲେ ।

### ଦେଶୀ ମଦ କାରବାର: ଦମ୍ପତି ଗିରଫ

ତିହିଡ଼ି, ୧୯।୩(ଡି.ଏନ୍.ଏ.): ଭଦ୍ରକ ଜିଲା ତିହିଡ଼ି ଥାନା ଅଧୀନ ନୂଆନନ୍ଦ ଗ୍ରାମରେ ଚୋରାମଦ କାରବାର କରୁଥିବା ଏକ ଦମ୍ପତିଙ୍କୁ ପୋଲିସ ମଙ୍ଗଳବାର ଗିରଫ କରିଛି। ଚଢ଼ାଉ ବେଳେ ୭୩ ବୋତଲ ଦେଶୀ ମଦ ସହିତ ୨୦ଲିଟର ଦେଶୀ ମଦ ଜବତ ହୋଇଛି । ଅଭିଯୁକ୍ତ ଦମ୍ପତି ଭରତ ଶିଅଳ ଏବଂ ପାର୍ବତୀ ଶିଅଳଙ୍କୁ ପୋଲିସପରେ କୋର୍ଟ ଚାଲାଣ କରିଛି। ଏ ନେଇ ତିହିଡ଼ି ଥାନାରେ ଏକ ମକଦ୍ଦମା (ନଂ.୧୨୧/୧୯) ରୁଜୁ କରାଯାଇଛି।

# 'ମଦ ଦୋକାନ ହଟାଅ' ଦାବିରେ ଧାରଣା

ଭଦ୍ରକ ଅଫିସ,୧୯।୩



ଅବକାରୀ ଅଧୀକ୍ଷକଙ୍କ କାର୍ଯ୍ୟାଳୟ ସମ୍ମୁଖରେ ମହିଳାଙ୍କ ଧାରଣା।

ମଦଦୋକାନ ସ୍ଥାନାନ୍ତର ଦାବିରେ ମଙ୍ଗଳବାର ଜିଲା ଅବକାରୀ ଅଧୀକ୍ଷକଙ୍କ କାର୍ଯ୍ୟାଳୟ ସମ୍ମୁଖରେ ମହିଳାମାନେ ଧାରଣା ଦେଇଥିଲେ। ଭଦ୍ରକ ଜିଲା ତିହିଡି ବ୍ଲକ ଅନ୍ତର୍ଗତ ଦୋଳସାହି ଗୁଆମାଳ ରାସ୍ତା ପାର୍ଶ୍ୱରେ ଥିବା ବିଦେଶୀ ମଦଦୋକାନକୁ ବିରୋଧ କରି ପ୍ରଗତିଶୀଳ ମହିଳା ମଞ୍ଚ ପକ୍ଷରୁ ମଙ୍ଗଳବାର ଧାରଣା ଦିଆଯାଇଥିଲା। ଦାବି ପୂରଣ ନ ହେବା ଯାଏ ଅନିର୍ଦ୍ଦିଷ୍ଟ କାଳ ପାଇଁ ଆନ୍ଦୋଳନ ଚାଲିବ ବୋଲି ସେମାନେ ଚେତାବନୀ ଦେଇ ବିଭିନ୍ନ ସ୍ଲୋଗାନ ଦେଇଥିଲେ।

ଆନ୍ଦୋଳନକାରୀ ଦର୍ଶାଇଥିଲେ ଯେ, ଦୋଳସାହି ବଜାରରୁ ଗୁଆମାଳ ପଞ୍ଚାୟତକୁ ଯାଇଥିବା ରାସ୍ତାର ଦୋଳସାହି ହାଇସ୍କୁଲ ପାଖାପାଖି ରାସ୍ତା କଡରେ ଏହି ବିଦେଶୀ ମଦ ଦୋକାନ ଖୋଲାଯାଇଛି। ଦୋଳସାହି, ପାଳିଆ, ଗୁଆମାଳ, କୁବେରା, ତାଳପଦା ପଞ୍ଚାୟତ ସମେତ ଭଦ୍ରକ ବ୍ଲକ ଅଧୀନରେ ଥିବା କେଦାରପୁର ପଞ୍ଚାୟତର ମହିଳାମାନେ ଏହି ମଦ ଦୋକାନକୁ ବିରୋଧ କରିଆସୁଛନ୍ତି। ଦୋଳସାହି ବଜାର ନିକଟ ୬ ପଞ୍ଚାୟତ ସମେତ ଆଖପାଖ ଅଞ୍ଚଳରଲୋକେ ଏହି ରାସ୍ତା ଦେଇ କୋର୍ଟ, କଚେରିକୁ ଯାଇଥାନ୍ତି। ବଜାରରେ ପ୍ରତିଦିନ ପରିବା ହାଟ ବସେ। ପାଳିଆ କଲେଜ, ଦୋଳସାହି ହାଇସ୍କୁଲ, ଦୋଳସାହି ବାଳିକା ହାଇସ୍କୁଲର ଛାତ୍ରୀଛାତ୍ର ମଧ୍ୟ ଏହି ବାଟ ଦେଇ ଯାତାୟତ କରିଥାନ୍ତି। ଏହି ମଦ ଦୋକାନ ବିରୋଧରେ ତିହିଡି ଥାନା, ଅବକାରୀ ବିଭାଗ, ଜିଲା ପ୍ରଶାସନ

**■ପ୍ରତିଶ୍ରୁତି ପରେ ଧାରଣାରୁ ଓହରିଲେ ଆନ୍ଦୋଳନକାରୀ**

ନିକଟରେ ବାରମ୍ବାର ଲିଖିତ ଅଭିଯୋଗ ସତ୍ତ୍ୱେ ଏହାକୁ ଗୁରୁତ୍ୱ ଦିଆଯାଉନାହିଁ। ଏନେଇ ମହିଳାମାନେ ପୂର୍ବରୁ ମଧ୍ୟ ଧାରଣା ଦେଇଥିଲେ। ସେହି ସମୟରେ ମହିଳାଙ୍କ ଅଭିଯୋଗକୁ ଗୁରୁତ୍ୱ ଦିଆଯିବ ବୋଲି କୁହାଯାଇଥିଲେ ମଧ୍ୟ ପୁନଃ ରାସ୍ତା କଡରେ ଉକ୍ତ ମଦ ଦୋକାନ ଖୋଲାଯାଇଛି ବୋଲି ମହିଳାମାନେ ଅଭିଯୋଗ କରିଛନ୍ତି। ଜିଲା ଅବକାରୀ ଅଧୀକ୍ଷକ ରାହାସ ବିହାରୀ ପାତ୍ର ଅପରାହ୍ନରେ ଆସି ଆନ୍ଦୋଳନକାରୀ ମହିଳାଙ୍କ ସହ ଆଲୋଚନା କରିଥିଲେ। ବର୍ତ୍ତମାନ ନିର୍ବାଚନ ସମୟ ଏବଂ ଆଚରଣ ବିଧି ଲାଗୁ ହୋଇଥିବା ସେ ପ୍ରକାଶ କି ଏଡାପରେ ଅଭିଯୋଗକୁ ଗୁରୁତ୍ୱ ଦିଆଯିବ ବୋଲି କହିବାରୁ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା।

# ମୁନସୀ ମେଳଣ ଉଦ୍‌ଯାପିତ

ଭଣ୍ଡାରିପୋଖରୀ, ୧୯।୩(ଡି.ଏନ୍.ଏ.)

ଭଦ୍ରକ ଜିଲା ଭଣ୍ଡାରିପୋଖରୀ ଥାନା ପରିସରରେ ଆୟୋଜିତ ମୁନସୀ ମେଳଣ ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ରବିବାର ଘଟସ୍ଥାପନ ସହ ମନ୍ଦିରରେ ପୂଜାର୍ଚ୍ଚନା କରାଯାଇଥିଲା। ପୋଲିସ ଓ ଜନସାଧାରଣଙ୍କ ମଧ୍ୟରେ ସୁସମ୍ପର୍କ ରକ୍ଷା କରିବା ପାଇଁ ଏହି ଏକ ଅନନ୍ୟ ମାଧ୍ୟମ ହୋଇଛି। ସୋମବାର ସନ୍ଧ୍ୟାରେ ମୁନସୀ ମେଳଣ କମିଟି ସଭାପତି ଲକ୍ଷ୍ମୀଧର ନାୟକ ଓ ଥାନାଧିକାରୀ ସୁକାନ୍ତି କେରେଇଙ୍କ ସଂଯୋଜନାରେ ଅନୁଷ୍ଠିତ ଉତ୍ସବରେ ମହିଳା ଓ ଶିଶୁବିକାଶ ମନ୍ତ୍ରୀ ପ୍ରଫୁଲ୍ଲ ସାମଲ, ଜିଲା ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ବିକାଶ ଦାସ, ସମାଜସେବୀ ବଦ୍ରିନାରାୟଣ ଧଳ, ସୁବ୍ରତ ଦାସ, ସୁଜାତା ଜେନା, ଉପଆରକ୍ଷୀ ଅଧୀକ୍ଷକ ମନୋରଞ୍ଜନ ସାମଲ ଯୋଗଦେଇଥିଲେ। ଅତୀତରେ ଥାନାପୋଡି ଓ ମୁନସୀ ମେଳଣ ଆୟୋଜନ ଘଟଣା ସମ୍ପର୍କରେ ସେମାନେ ଆଲୋକପାତ କରିଥିଲେ। ସୋମବାର ଦ୍ୱାଦଶୀ ତିଥି ମଧ୍ୟରାତ୍ରରେ ଆଖପାଖର ୬୦ ବିମାନରେ ପ୍ରଭୁ ଦୋଳଗୋବିନ୍ଦ ଶୋଭାଯାତ୍ରାରେ ଆସି ଥାନା ପରିସରସ୍ଥିତ ମେଳଣ ପଡିଆରେ ବିଜେ ହୋଇଥିଲେ। ପ୍ରଭୁଙ୍କ ନିକଟରେ ଭୋଗଲାଗି ପରେ ଅବିର ଖେଳାଯାଇଥିଲା। ରବିବାର ସନ୍ଧ୍ୟାରେ ଅଭିଜିତ ମଜୁମଦାର ଓ ସାଥୀଙ୍କ ମେଲୋଡି ଓ ସୋମବାର ହ୍ୟୁମାନ ସାଗର ନାଇଟ ଅନୁଷ୍ଠିତ ହୋଇ ମେଳଣ ଉତ୍ସବ ଉଦଯାପିତ ହୋଇଥିଲା। ଶାରଦା ବିଦ୍ୟାମନ୍ଦିର ଓ ଅନ୍ୟାନ୍ୟ ସେଚ୍ଛାସେବୀଙ୍କ ପକ୍ଷରୁ ଜଳଛତ୍ର ପ୍ରଦାନ କରାଯାଇଥିଲା। ଅନନ୍ତ ତ୍ରିପାଠୀ, ପ୍ରଭାତ ସାହୁ, ଲଳିତ ରାଉତ, ପ୍ରଶାନ୍ତ ସାହୁ, ବିଜୟ ଶଙ୍କର ମହାନ୍ତି ପ୍ରମୁଖ ମେଳଣକମିଟି କର୍ମକର୍ତ୍ତା ଉତ୍ସବ ପରିଚାଳନା କରିଥିଲେ।


ମୁନସୀ ମେଳଣ ଉଦ୍‌ଯାପନ ସମାରୋହ ।

# ମଣ୍ଡପରେ ଶୋଭାପାଇବେ ୬୦ରୁ ଊର୍ଦ୍ଧ୍ୱ ବିମାନ

**ପ୍ରସିଦ୍ଧ ରାମଗଡ଼ପଦା ସାର୍ବଜନୀନ ଦୋଳମେଳନ**

ବନ୍ତ,୧୯।୩(ସ୍ୱ.ପ୍ର.)

ଭଦ୍ରକ ଜିଲା ଆଗରପଡ଼ାସ୍ଥିତ ପ୍ରସିଦ୍ଧ ରାମଗଡ଼ପଦାସାର୍ବଜନୀନ ଦୋଳମେଳନ ଲାଗି ବ୍ୟାପକ ପ୍ରସ୍ତୁତି ଶେଷ ହୋଇଛି। ଜମିଦାରୀ ଶାସନ ଉଚ୍ଛେଦ ପରବର୍ତ୍ତୀ ସମୟ ୧୯୫୨ ମସିହାରୁ ଏହି ମେଳନ ହୋଇ ଆସୁଛି। ସଦ୍‌ଭାବନା ଓ ଭାଇଚାରାର ନିଦ୍ଦର୍ଶନ ଭାବେ ଏହି ମେଳନ ଉତ୍ସବ ଜିଲାରେ ଏକ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିପାରିଛି। ଚଳିତବର୍ଷ ୬୦ରୁ ଊର୍ଦ୍ଧ୍ୱ ବିମାନ ଶୋଭାଯାତ୍ରାରେ ଆସି ଦୋଳମଣ୍ଡପକୁ ବିଜେ କରିବେ । ସାଂସ୍କୃତିକ ପରମ୍ପରା ଅନୁଯାୟୀ ଜାତି ଧର୍ମ ବର୍ଣ୍ଣ ନିର୍ବିଶେଷରେ ଆଗରପଡ଼ା ଅଞ୍ଚଳର ହିନ୍ଦୁ ମୁସ୍‌ଲମାନ ସମ୍ପ୍ରଦାୟର ଲୋକେ ଏହି ମିଳନପର୍ବରେ ମିଳିମିଶି ରଙ୍ଗଖେଳୁଥିବାରୁ କେହି କେହି ଏହାକୁ ରାମ ରହିମଙ୍କ ମେଳନ ବୋଲି କହିଥାନ୍ତି ।

ଚଳିତ ବର୍ଷ ମେଳନକୁ ଆଉ ୨ ଦିନ ବାକି ରହିଛି। ପ୍ରତିବର୍ଷ ଭଳି ଏଥର ପଡୋଶୀ କେନ୍ଦୁଝର ଓ ବାଲେଶ୍ୱର ଜିଲାରୁ ଅନେକ ଶ୍ରଦ୍ଧାଳୁ ଆସିବା ସମ୍ଭାବନାକୁ ଦୃଷ୍ଟିରେ ରଖି ମେଳଣ କାର୍ଯ୍ୟକ୍ରମକୁ ଶୃଙ୍ଖଳିତ ଭାବେ ପରିଚାଳନା କରିବାକୁ ଗୁରୁତ୍ୱ ଦିଆଯାଇଛି। ଏଥର ବିଭିନ୍ନ ଅଞ୍ଚଳରୁ ୬୦ରୁ ଊର୍ଦ୍ଧ୍ୱ ସୁସଜ୍ଜିତ ବିମାନ ଅର୍ଦ୍ଧରାତ୍ରିରୁ ପାହାନ୍ତା ପର୍ଯ୍ୟନ୍ତ ବାଣରୋଶଣି କରି ଶୋଭାଯାତ୍ରାରେ ଆସିବା କାର୍ଯ୍ୟକ୍ରମ ସ୍ଥିର ହୋଇଛି। ଏହି ଉପଲକ୍ଷେ ପରଦିନ ମଧ୍ୟାହ୍ନ ପର୍ଯ୍ୟନ୍ତ ଠାକୁରଙ୍କ ପୂଜାର୍ଚ୍ଚନା ଓ ଭଜନ କୀର୍ତ୍ତନ କାର୍ଯ୍ୟକ୍ରମ ଆୟୋଜିତ ହୋଇଛି। ପରମ୍ପରା ଅନୁଯାୟୀ ଠାକୁରଙ୍କୁ ବିମାନରେ ମଣ୍ଡପକୁ ଆଣିବା ସକାଶେ ଦୋଳ କମିଟି ପକ୍ଷରୁ ଠାକୁର ବାଡ଼ିଆମାନଙ୍କୁ ଗୁଆ ଦେଇ ନିମନ୍ତ୍ରଣ କରାଯାଇଛି। କମିଟି ସଦସ୍ୟ ସମସ୍ତ କାର୍ଯ୍ୟ ତଦାରଖ କରୁଥିବା ବେଳେ ଶାନ୍ତି ଶୃଙ୍ଖଳା ରକ୍ଷା ପାଇଁ ଆଗରପଡ଼ା ପୋଲିସ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଛି।

# ବିଗ୍ରହ ପ୍ରତିଷ୍ଠା, ନାମଯଜ୍ଞ: ସଂକୀର୍ତ୍ତନରେ କମ୍ପିଲା ଗାଁ

ଆରଡି, ୧୯।୩, (ଡି.ଏନ.ଏ.)

ଭଦ୍ରକ ଜିଲା ଧାମନଗର ବ୍ଲକର ପାଳସାହି ପଞ୍ଚାୟତ ତେଲିପାଟଣାଠାରେ ୪ ଦିନ ଧରି ମହାବୀର ହନୁମାନ୍ତଙ୍କ ବିଗ୍ରହ ପ୍ରତିଷ୍ଠା ଓ ନାମଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ଶନିବାର ଅଙ୍କୁରାରୋପଣ ଓ ଅଧିବାସ ହେବା ପରେ ରବିବାର କଳସ ଶୋଭାଯାତ୍ରା, ଅଗ୍ନି ସ୍ଥାପନ, ବିଗ୍ରହ ଗ୍ରାମ୍ୟ ପରିକ୍ରମା, ବିଗ୍ରହ ପ୍ରତିଷ୍ଠା, ସୋମବାର ଚାଳିଶା ଓ ସୁନ୍ଦରାକାଣ୍ଡ ପାଠ ଓ ମଙ୍ଗଳବାର ଅନ୍ତିମ ଦିବସ ଗୀତାପାଠ କରାଯାଇ ପୂର୍ଣ୍ଣାହୁତି ଦିଆଯାଇଥିଲା। ନାମ ସଂକୀର୍ତ୍ତନରେ ପରିବେଶ ପ୍ରକମ୍ପିତ ହୋଇଥିଲା। ଏଥିରେ ୧୦ କୀର୍ତ୍ତନ ମଣ୍ଡଳୀ ଯୋଗ ଦେଇଥିଲେ। ବିଧି ଅନୁଯାୟୀ ପୂଜନ କର୍ମ ପୂଜକମାନଙ୍କ ଦ୍ୱାରା ସମ୍ପାଦିତ ହୋଇଥିଲା। ନାରଣ ସାହୁ, ମହେନ୍ଦ୍ର ସାହୁ, ସୁରେନ୍ଦ୍ର ସାହୁ, ପୁରସ୍ତମ ସାହୁ, କୈଳାସ ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ । ଆଖପାଖ ଗ୍ରାମର ଶ୍ରଦ୍ଧାଳୁଙ୍କ ଲାଗି ଦୈନିକ ପ୍ରସାଦ ସେବନ ବ୍ୟବସ୍ଥା କରାଯାଇଥିଲା।

# 'ଅନନ୍ତ ଥିଲେ ଶିକ୍ଷା ଓ ଦୀକ୍ଷାଗୁରୁ'

ବନ୍ତ,୧୯।୩(ସ୍ୱ.ପ୍ର.)

ଭଦ୍ରକ ଜିଲା ବନ୍ତ ବ୍ଲକ ଆଡିଆ ପଞ୍ଚାୟତ ଓଲଡାଙ୍ଗ (ଗୋହିରାଗଡିଆ) ଗାଁରେ ସୋମବାର ସନ୍ଧ୍ୟାରେ ଅନନ୍ତ ଚରଣ ସାମଲଙ୍କ ପ୍ରଥମ ଶ୍ରାଦ୍ଧ ବାର୍ଷିକୀ ଅବସରରେ ଏକ ସ୍ମୃତିଚାରଣ ସଭା ଆୟୋଜିତ ହୋଇଥିଲା। ଅବସରପ୍ରାପ୍ତ କର୍ମଚାରୀ ସଂଘର ସଭାପତି ଇଂ. ମଧୁସୂଦନ ସାହୁ ଏଥିରେ ସଭାପତିତ୍ୱ କରିଥିଲେ। ମଞ୍ଚ ସଞ୍ଚାଳନ କରିଥିଲେ ଦାଶରଥି ଜେନା। ଶିକ୍ଷାବିତ୍ ପ୍ରଭାସ ବେଜ, କାଳନ୍ଦୀ ଚରଣ ଖୁଣ୍ଟିଆ, ହରିହର ପାଣିଗ୍ରାହୀ, ସହସମ୍ପାଦକ ଭୋଳାନାଥ ସାହୁ, ଅଧ୍ୟାପକ ସୁଧାଂଶୁ ନାୟକ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଶିକ୍ଷାବିତ୍ ଅନନ୍ତ ଏକାଧାରରେ ଜଣେ ଛାତ୍ରବତ୍ସଳ, ସ୍ନେହୀ ଓ ଆଦର୍ଶ ଶିକ୍ଷକ ଥିଲେ। ସେ ଶିକ୍ଷାଗୁରୁ ସହିତ ଦୀକ୍ଷାଗୁରୁ ଥିଲେ ବୋଲି ବକ୍ତା ଓ ଅତିଥିମାନେ କହିଥିଲେ। ଏହି ଅବସରରେ କୃଷ୍ଣଚନ୍ଦ୍ର ଜେନାଙ୍କ ସମ୍ପାଦିତ ବାର୍ଷିକ ପତ୍ରିକା ସ୍ମରଣିକା ଉନ୍ମୋଚିତ ହୋଇଥିଲା। ଶିକ୍ଷାବିତ୍ ପୀତବାସ ଧଳ, ଲମ୍ବୋଦର ସାହୁ, ବାଙ୍କନିଧି ସେଠୀ, ମଧୁଶଙ୍ଖୁଆ, ପ୍ରଧାନଶିକ୍ଷକ ହୃଷୀକେଶ ମିଶ୍ର ସ୍ମୃତିଚାରଣ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ଅକ୍ଷୟ ସାମଲ, ଅଜୟ ସାମଲ, ଶଶିରେଖା ସାମଲ, ରଞ୍ଜିତା ସାମଲ ପ୍ରମୁଖ ସହଯୋଗ କରିଥିଲେ। ଶେଷରେ ମନ୍ତ୍ରୀ ପ୍ରଫୁଲ ସାମଲ ପହଞ୍ଚି ଫଟୋଚିତ୍ରରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

# ବିପଦସଙ୍କୁଳ ଖଡ଼ିପୁର ପୋଲ, କାହାରି ନିଘା ନାହିଁ

ବନ୍ତ,୧୯।୩ (ଡି.ଏନ୍.ଏ.)

ବିପଦସଙ୍କୁଳ ପୋଲ ମରାମତି ଦିଗରେ ଜିଲା ପ୍ରଶାସନ ଦୃଷ୍ଟିଦେଇ ପଦକ୍ଷେପ ନ ନେଲେ ସେମାନେ ଭୋଟ ବର୍ଜନ କରିବେ ବୋଲି ଭଦ୍ରକ ଜିଲା ବନ୍ତ ବ୍ଲକ ରାମକୃଷ୍ଣପୁର ପଞ୍ଚାୟତ ଖଡ଼ିପୁର ଅଞ୍ଚଳର ଲୋକେ ଚେତାବନୀ ଦେଇଛନ୍ତି। ଖଡ଼ିପୁର ଗାଁ ନିକଟରେ ଥିବା ଏହି ପୋଲ କେତେବେଳେ ଯେ ଭୁଶୁଡ଼ି ପଡ଼ିବ କହି ହେବ ନାହିଁ। ଏହାର ସୁରକ୍ଷା ବାଡ଼ା ମଧ୍ୟ ତିଆରି ହୋଇ ନାହିଁ। ଉକ୍ତ ପୋଲ ଦେଇ ଗାଁର ପିଲାମାନେ ସ୍ଥାନୀୟ ବିଦ୍ୟାଳୟକୁ ପାଠ ପଢ଼ିବାକୁ ଯାଇଥାନ୍ତି। ଗଣିଜାଙ୍ଗ ପଞ୍ଚାୟତ ନାରାୟଣପୁର ଗ୍ରାମର ଲୋକେ ଦୈନିକ କେନ୍ଦୁଆପଦା ଷ୍ଟେଶନକୁ ଯାତାୟାତ କରନ୍ତି। ରାମକୃଷ୍ଣପୁର ପଞ୍ଚାୟତର ଖଡିପୁର, ନାହୋ ଆଦି ଗ୍ରାମର ଲୋକମାନେ ମଧ୍ୟ ଏହି ରାସ୍ତା ଉପରେ ନିର୍ଭର କରିଥାନ୍ତି। ଦୀର୍ଘ ବର୍ଷ ତଳେ ନିର୍ମାଣ ହୋଇଥିବା ଏହି ପୋଲ ମରାମତି ଅଭାବରୁ ଜରାଜୀର୍ଣ୍ଣ ହୋଇପଡିଛି। ଏହାକୁ ଭାଙ୍ଗି ନୂତନ ପୋଲ ନିର୍ମାଣ କରିବାକୁ ଦାବି ହେଉଥିଲେ ମଧ୍ୟ ପ୍ରଶାସନ ପଦକ୍ଷେପ ନେଉନାହିଁ ବୋଲି ଗ୍ରାମବାସୀ କହିଛନ୍ତି।

# କଂଗ୍ରେସ ଯୁବବାହିନୀ ପକ୍ଷରୁ ବୈଠକ

ତିହିଡ଼ି, ୧୯।୩(ଡି.ଏନ୍.ଏ.)

ଭଦ୍ରକ ଜିଲା ବାସୁଦେବପୁର ନିର୍ବାଚନମଣ୍ଡଳୀ ଅଧୀନ ତିହିଡ଼ି ବ୍ଲକର ମଙ୍ଗଳପୁର ପଞ୍ଚାୟତର ସନ୍ଥପୁରା ଅଞ୍ଚଳରେ କଂଗ୍ରେସ ଦଳର ଯୁବବାହିନୀ ପକ୍ଷରୁ ସୋମବାର ଏକ ସାଙ୍ଗଠନିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଶ୍ରୀଚୈତନ୍ୟ ମନ୍ଦିର ସାମ୍ନାରେ ଅନୁଷ୍ଠିତ ଏହି ବୈଠକରେ କଂଗ୍ରେସ ନେତା ଗୋବର୍ଦ୍ଧନ ନାୟକ ସଂଯୋଜନା କରିଥିଲେ। ବାବୁ ସେନାପତି, ଧରଣୀଧର ଦାସ, ଗୋପବନ୍ଧୁ ଦାସ, ଗୋରାବାବୁ ଶାହା, ପ୍ରଭାତ ଦାସ, ସୌମେନ୍ଦ୍ର ଦାସ, କରୁଣାକର ମଲିକ, ଅତୁଲ ଶାହା ପ୍ରମୁଖ ବୈଠକରେ ଯୋଗଦେଇ ୱାର୍ଡସ୍ତରରେ ଦଳକୁ ମଜଭୁତ କଲେ ଦଳୀୟ ସ୍ଥିତି ସୁଦୃଢ଼ ହେବ ବୋଲି କହିଥିଲେ। ରାହୁଲ ଗାନ୍ଧୀଙ୍କ 'ମୋ ବୁଥ୍ ମୋ ଗୌରବ' କାର୍ଯ୍ୟକ୍ରମକୁ କାର୍ଯ୍ୟକାରୀ କରିବା ବୈଠକର ମୂଳ ଲକ୍ଷ୍ୟ ବୋଲି କୁହାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ସେକ୍ ମୁନା, କାଦିର ହୋସେନ, ସୟଦ ହାକିମ, କାଳନ୍ଦୀ ତ୍ରିପାଠୀ, ବଂଶୀଧର ମହାଳିକ, ହରେକୃଷ୍ଣ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।



ଯୁବବାହିନୀର ବୈଠକ।

# ନୃତ୍ୟ ସଙ୍ଗୀତରେ ଝୁମିଲେ ଦର୍ଶକ

ବନ୍ତ,୧୯।୩(ସ୍ୱ.ପ୍ର.)

ଭଦ୍ରକ ଜିଲା ଆଗରପଡ଼ା ହେମପଦ୍ମ ଗାଲାକ୍ସି ପରିସରରେ ଉତ୍କଳ କେଶରୀ ୪ର୍ଥ ବାର୍ଷିକ ମହୋତ୍ସବର ୭ମ ସନ୍ଧ୍ୟା ସୋମବାର ଅନୁଷ୍ଠିତ ହୋଇଯାଇଛି। ଭଦ୍ରକର ଜେ.କେ. ମ୍ୟୁଜିକ୍ କଳାକାରଙ୍କ ନୃତ୍ୟ ସଂଗୀତରେ ଦର୍ଶକ ମାନେ ଝୁମି ଉଠିଥିଲେ। କମିଟି ସଭାପତି ମନୋଜ ରାୟ ଉତ୍ସବରେ ସଭାପତିତ୍ୱ କରିଥିଲେ। ଆଇଡିଆଲ ୟୁଥ୍ କ୍ଲବର ସଭାପତି ମନ୍ମଥ ଦାସ, ଶିକ୍ଷାବିତ୍ ହରମୋହନ ପଣ୍ଡା, ସମ୍ପାଦକ ହେମନ୍ତ ସିଂହ ଯୁବନେତା ନିରଜ ଆଇଚ, ଭାଜପା ମହତାବ ମଣ୍ଡଳ ସଭାପତି ଗୋପାଳ କୃଷ୍ଣ ଦାଶ, ସମାଜସେବୀ ଜଗବନ୍ଧୁ ସାହୁ ପ୍ରମୁଖ ଅତିଥିଭାବେ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ରାଦିଆଁ ଅଞ୍ଚଳର ବରିଷ୍ଠ ଶିକ୍ଷାବିତ୍ ନିଶାକର ପଣ୍ଡା, ସଂଗୀତଜ୍ଞ ପ୍ରସନ୍ନ ବେହେରା, ନୃତ୍ୟଗୁରୁ ମମତା ରାଉତଙ୍କୁ ଉତ୍ତରୀୟ, ମାନପତ୍ର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଚିନ୍ମୟ ମହାପାତ୍ର ଅତିଥି ପରିଚୟ ଓ ଅମୀୟ ରଞ୍ଜନ ରାମ ଧନ୍ୟବାଦ ଅର୍ପଣ କରିଥିଲେ।



ଉତ୍କଳ କେଶରୀ ୪ର୍ଥ ବାର୍ଷିକ ମହୋତ୍ସବର ୭ମ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ।

# ଦିବ୍ୟାଙ୍ଗ ଭୋଟରଙ୍କ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା

ଭଦ୍ରକ ଅଫିସ, ୧୯।୩

ଚଳିତ ନିର୍ବାଚନରେ ଜିଲାର ସମସ୍ତ ଦିବ୍ୟାଙ୍ଗ ଭୋଟରମାନେ ଯେଭଳି ନିର୍ବାଚନ ପ୍ରକ୍ରିୟାରେ ସାମିଲ ହେବେ ଏହାକୁ ନେଇ ମଙ୍ଗଳବାର ଜିଲାପାଳଙ୍କ ସଦ୍‌ଭାବନା ସଭାଗୃହରେ ଜିଲାପାଳ ଜ୍ଞାନ ରଞ୍ଜନ ଦାସଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ପ୍ରକଳ୍ପ ନିର୍ଦ୍ଦେଶକ ମଧୁସୂଦନ ମିଶ୍ର, ଉପଜିଲାପାଳ ପୀତାମ୍ବର ସାମଲ, ଅତିରିକ୍ତ ଉପଜିଲାପାଳ ହେମନ୍ତ ବିହାରୀ, ସମସ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ, କାର୍ଯ୍ୟନିର୍ବାହୀ ଅଧିକାରୀ, ଜିଲା ସାମାଜିକ ସୁରକ୍ଷା ଅଧିକାରୀ, ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ, ସହକାରୀ ଯନ୍ତ୍ରୀ ଯୋଗ ଦେଇ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ।

ଚଳିତ ନିର୍ବାଚନରେ ଭିନ୍ନକ୍ଷମ ଭୋଟରମାନେ ନିଶ୍ଚିତ ମତଦାନ କରିବାକୁ ଜିଲାପାଳ ଆହ୍ୱାନ ଜଣାଇଥିଲେ । ନିର୍ବାଚନ ଆୟୁକ୍ତଙ୍କ ପକ୍ଷରୁ ମତଦାନ କେନ୍ଦ୍ରରେ ଭିନ୍ନକ୍ଷମଙ୍କ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଥିବା କୁହାଯାଇଥିଲା। ଜିଲା ପ୍ରଶାସନ ପକ୍ଷରୁ ଭିନ୍ନକ୍ଷମ ଭୋଟରଙ୍କୁ ଚିହ୍ନଟ କରାଯାଇ ବୁଥୱାରୀ ତଥ୍ୟ ସଂଗ୍ରହ କରାଯାଇଛି । ସାଧାରଣତଃ ଭିନ୍ନକ୍ଷମ ଭୋଟରମାନେ ମତଦାନ କରିବାକୁ ବିଭିନ୍ନ କାରଣରୁ ଅନିଚ୍ଛୁକ ହୁଅନ୍ତି। ଏଣୁ ସେମାନଙ୍କୁ ସହଯୋଗ କରିବା ପାଇଁ ଏନ୍‌ସିସି, ସ୍କାଉଟ୍ ପିଲାମାନଙ୍କୁ ଦାୟିତ୍ୱ ଦିଆଯାଇଛି ବୋଲି ଜିଲାପାଳ ଦାସ କହିଥିଲେ । ସେମାନଙ୍କୁ ମତଦାନ କେନ୍ଦ୍ରକୁ ଅଣାଯିବା ସହ ଅଗ୍ରାଧିକାର ଭିତ୍ତିରେ କିଭଳି ମତଦାନ ସୁଯୋଗ ଦିଆଯିବ ସଥିପାଇଁ ପୋଲିଂ ଅଫିସରମାନଙ୍କୁ ପ୍ରଶିକ୍ଷଣ ଦିଆଯାଇଛି। ସେମାନଙ୍କୁ ବୁଥ୍‌କୁ ନେବା ଆଣିବା ଲାଗି ଗାଡି ନିୟୋଜିତ ହେବ ବୋଲି କୁହାଯାଇଥିଲା।



ବୈଠକରେ ଉପସ୍ଥିତ ଜିଲାପାଳ ଓ ଅଧିକାରୀ।

# 'ସମୟାନୁବର୍ତ୍ତିତା ଦେଇଛି ଜୀବିକା'

ଭଦ୍ରକ ଅଫିସ, ୧୯।୩


ଲସି ଦୋକାନରେ ବାପ ଓ ପୁଅ

**■୬ ମାସ ଚାଷ, ୪ ମାସ ଲସି ବେପାର**

**■ପରିଶ୍ରମ ଦେଇଥାଏ ସଫଳତା**

ସମୟର ସଦୁପଯୋଗ କଲେ କାହା ପେଟ ଅପୋଷା ରହିବ ନାହିଁ । ଏକଥା କହିଛନ୍ତି ଅନନ୍ତ କୁଅଁର(୫୦)। ପେସାରେ ସେ ଜଣେ ଚାଷୀ। ଘର ତିହିଡି ବ୍ଲକ ବୁଡ଼ଙ୍ଗ ଗାଁରେ। ବର୍ଷା ଦିନେ ବିଲରେ ହଳ କରି ଚାଷ କରି ଫସଲ ଉତ୍ପାଦନ କରିଥାନ୍ତି। ଗାଁରେ ଜଳସେଚନ ବ୍ୟବସ୍ଥା ନ ଥିବାରୁ ଖରାଦିନ ଆସିଲେ କୌଣସି ଫସଲ କରି ପାରି ନ ଥାନ୍ତି। ଏହି ସମୟରେ ବସି ନ ରହି ସମୟର ସଦୁପଯୋଗ କରିବା ଲକ୍ଷ୍ୟରେ ଦୀର୍ଘ ୧୦ବର୍ଷ ଧରି ସେ ଏକ ଲସି ଦୋକାନ କରି ଦୁଇ ପଇସା ରୋଜଗାର କରି ଆସୁଛନ୍ତି। ମେଳାପୀ ସ୍ୱଭାବ ସାଙ୍ଗକୁ ଜଣେ କର୍ମପ୍ରବଣ ଓ ଉଦାରମନା ମଣିଷ ଭାବେ ସେ ନିଜ ଅଞ୍ଚଳରେ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରି ପାରିଛନ୍ତି।

ଭଦ୍ରକ ସହରଠାରୁ ବୁଡ଼ଙ୍ଗ ଗାଁର ଦୂରତା ପ୍ରାୟ ୧୨ କି.ମି. । ଜଳ ସେଚନ ସୁବିଧା ନ ଥିବାରୁ ଅଧିକାଂଶ ବର୍ଷ ଏହି ଅଞ୍ଚଳରେ ଖରିଫ ଫସଲ ପ୍ରଭାବିତ ହୋଇଥାଏ। କୃଷିଜୀବୀ ପରିବାରରେ ଜନ୍ମ ନେଇଥିବାରୁ ସେ ଚାଷ କାର୍ଯ୍ୟକୁ ଛାଡ଼ି ପାରି ନାହାନ୍ତି। ତେବେ ଚାଷ କାର୍ଯ୍ୟ ସରିବା ପରେ ସେ ଘରେ ନ ବସି ଫେବୃୟାରୀ ଠାରୁ ମେ' ମାସ ପର୍ଯ୍ୟନ୍ତ ଭଦ୍ରକ ସହରକୁ ଚାଲି ଆସି ସ୍ଥାନୀୟ ରାଜଘାଟ ଛକରେ ଜାଗା ଭଡ଼ା ନେଇ ଲସି ଦୋକାନ କରି ଆସୁଛନ୍ତି। ତେବେ ଚଳିତ ବର୍ଷ ରାଜଘାଟ ଛକ ପରିବର୍ତ୍ତେ ସେ ଛପୁଲିଆ ନିକଟରେ ଲସି ଦୋକାନ କରିଛନ୍ତି। ତାଙ୍କର ଦୁଇ ପୁଅ ଅଶୋକ ଓ ଆଲୋକ ତାଙ୍କୁ ସହଯୋଗ କରୁଛନ୍ତି। ବାପ ପୁଅ ଏହି ଲସି ଦୋକାନ ଚଳାଉଛନ୍ତି। ଲସି ପ୍ରସ୍ତୁତିରେ ଗୁଣବତ୍ତା ରକ୍ଷା କରୁଥିବାରୁ ତାଙ୍କ ଦୋକାନ ଭଦ୍ରକ ସହରରେ ବେଶ୍ ପରିଚିତ ହୋଇପାରିଛି। ବର୍ତ୍ତମାନ ଖରାଦିନ ଆସିବାରୁ ଏହି ଦୋକାନ ଆଗରେ ଗ୍ରାହକଙ୍କ ଭିଡ଼ ଜମୁଛି। ଅନନ୍ତ କୁହନ୍ତି, ଖରାଦିନ ୪ ମାସ ସକାଳ ୧୦ ରୁ ରାତି ୧୦ ପର୍ଯ୍ୟନ୍ତ ତାଙ୍କ ଦୋକାନରେ ଭିଡ଼ ଜମିଥାଏ। ସମୟର ସଦୁପଯୋଗ କରିବା ଜ୍ଞାନ ହାସଲ କରି ପରିବାର ପ୍ରତିପୋଷଣରେ ସେ ସମର୍ଥହୋଇ ପାରିଛନ୍ତି। ଯିଏ ଯେଉଁ ବୃତ୍ତିରେ ଥାଆନ୍ତୁନା କାହିଁକି ସମୟକୁ ଅପବ୍ୟବହାର ନ କରି କାର୍ଯ୍ୟ କଲେ ସଫଳତା ପାଇ ପାରିବେ। ଲସି ଦୋକାନ କରି ଗ୍ରାହକଙ୍କୁ ସେବା ଯୋଗାଇବା ତାଙ୍କ ମନରେ ସନ୍ତୋଷ ଆଣି ଦେଇଛି । ସେ ନିଜ ପିଲାଙ୍କ ସମେତ ସମସ୍ତଙ୍କୁ ସବୁ କଥା ଓ କାମରେ ସମୟାନୁବର୍ତ୍ତୀ ହେବାକୁ କହିଥାନ୍ତି।

## ସଂକ୍ଷେପରେ

### ବିଷାକ୍ତ ଛତୁ ଖାଇ ୩ ଗୁରୁତର

ପାଟଣା,୧୯।୩(ସ୍ୱ.ପ୍ର.)- କେନ୍ଦୁଝର ଜିଲା ପାଟଣା ବ୍ଲକ ମିରିଖୋଜି ବିଶ୍ୱାଳ ସାହିର ସୋମବାର ବିଷାକ୍ତ ଛତୁ ଖାଇ ୩ ଗୁରୁତର ହୋଇ କରଞ୍ଜିଆ ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି ହୋଇଛନ୍ତି। ଅବସ୍ଥା ଗୁରୁତର ହେବାରୁ ଏମାନଙ୍କୁ କେନ୍ଦୁଝର ଜିଲା ମୁଖ୍ୟଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ଗୁରୁତରମାନେ ହେଲେ ସାଧବାଣୀ ବିଶ୍ୱାଳ, ତାଙ୍କର ୨ ନାତୁଣୀ ରାନୀ ବିଶ୍ୱାଳ ଓ ରୁନିବିଶ୍ୱାଳ। ସୂଚନା ଅନୁଯାୟୀ ସାଧବାଣୀ ଗାଁ ନିକଟ ଜଙ୍ଗଲରୁ ଛତୁ ଆଣି ରୋଷେଇ କରିଥିଲେ ଯାହାକୁ ଖାଇ ପରିବାରର ୩ଜଣ ଅସୁସ୍ଥ ହୋଇପଡିଥିଲେ।

### ନାବାଳିକା ଅପହରଣ ଅଭିଯୋଗ

ପାଟଣା, ୧୯।୩(ସ୍ୱ.ପ୍ର.)- କେନ୍ଦୁଝର ଜିଲା ପାଟଣା ବ୍ଲକ ତୁରୁମୁଙ୍ଗା ଥାନା ଅଞ୍ଚଳର ଜଣେ ନାବାଳିକାଙ୍କୁ ଉକ୍ତ ଗ୍ରାମର ଜଣେ ନାବାଳକ ମାର୍ଚ୍ଚ ୧୨ ତାରିଖରେ ଅପହରଣ କରି ନେଇଥିବା ନାବାଳିକାଙ୍କ ବାପା ମଙ୍ଗଳବାର ଥାନାରେ ଅଭିଯୋଗ କରିଛନ୍ତି। ଏନେଇ ତୁରୁମୁଙ୍ଗା ଥାନା ପୋଲିସ ଏକ ମାମଲା (ନଂ.୨୫/୧୯) ରୁଜୁ କରି ଏଏସଆଇ ଗୁରୁପ୍ରସାଦ ଦେଓ ଘଟଣାର ତଦନ୍ତ ଜାରି ରଖିଛନ୍ତି।

### ଏଯାଏ ହଟାଯାଇନି ବ୍ୟାନର

ହାଟଡିହୀ,୧୮।୩(ଡି.ଏନ୍.ଏ.)- କେନ୍ଦୁଝର ଜିଲା ହାଟଡିହୀ ବ୍ଲକରେ ଆଚରଣ ବିଧି ଉଲ୍ଲଂଘନ ହେଉଥିବା ଦେଖିବାକୁ ମିଳିଛି। ଆଚରଣ ବିଧି ଲାଗୁ ହେବା ପରେ ରାସ୍ତା ଓ ଛକ ବଜାରରେ ଥିବା ବ୍ୟାନର, ହୋଡ଼ିଂ ଓ ୱାଲିଂ ହୋଇଥିବା ସରକାରଙ୍କର ଯୋଜନା ସମ୍ପର୍କରେ ତଥ୍ୟ ଗୁଡ଼ିକୁ ଲିଭାଇବା ପାଇଁ ନିୟମ ରହିଛି। କିନ୍ତୁ ବହୁ ସ୍ଥାନରେ ଏହାର ବ୍ୟାପକ ବ୍ୟତିକ୍ରମ ଦେଖାଦେଇଛି। ଏହାକୁ ଲିଭାଇବା କିମ୍ବା ବ୍ୟାନର ହୋଡିଂକୁ ଖୋଲିଦେବା ପାଇଁ ସ୍ଥାନୀୟ ପ୍ରଶାସନ ସାହସ ଜୁଟାଇ ପାରୁ ନ ଥିବା କୁହାଯାଉଛି। ବ୍ଲକ ଅଧୀନ ପଞ୍ଚାୟତ ପାଚେରୀ, ପାନୀୟ ଜଳ ପ୍ରକଳ୍ପ ଅଫିସ ପାଚେରୀ ପରି ବିଭିନ୍ନ ସ୍ଥାନରେ ଅଦ୍ୟାବଧି ୱାଲିଂ ହୋଇଥିବା ଦେଖିବାକୁ ମିଳିଛି। ଖୋଦ ହାଟଡିହୀ ବ୍ଲକ ପରିସରରେ ଥିବା ସିଡିପିଓଙ୍କ କାର୍ଯ୍ୟାଳୟ ନିକଟରେ ଏପରି ବ୍ୟତିକ୍ରମ ମଧ ଦେଖାଯାଇଛି। କିନ୍ତୁ ଏଥିପ୍ରତି କେହି ଦୃଷ୍ଟି ନଦେବାର କାରଣ ଅସ୍ପଷ୍ଟ ରହିଛି। ଆଚରଣ ବିଧି ଉଲଙ୍ଘନ ହେଉଥିବା କୁହାଯାଉଥିବା ବେଳେ ସ୍ଥାନୀୟ ପ୍ରଶାସନ କେଉଁ କାରଣରୁ ଏସବୁ ଦିଗ ପ୍ରତି ଧାନ ଦେଉନାହାନ୍ତି ତାହା ଚର୍ଚ୍ଚା ହେଉଛି। ବିଡିଓ ସୁଶାନ୍ତ କୁମାର ବାରିକଙ୍କୁ ପଚାରିବାରୁ ଏପରି ଘଟଣା ସମ୍ପର୍କରେ ସେ ଜାଣି ନ ଥିବା କହିଛନ୍ତି। ଏପରି ଯଦି ହୋଇଥାଏ ତାହା ଉପରେ ସେ ଆବଶ୍ୟକ ପଦକ୍ଷେପ ନେବେ ବୋଲି ସୂଚନା ଦେଇଛନ୍ତି।

# ଦୂଷିତ ପାଣି ନେଲାଣି ୧୫ ଜୀବନ

ଆନନ୍ଦପୁର, ୧୯।୩(ସ୍ୱ.ପ୍ର.)

- ବ୍ୟାପୁଛି କିଡ୍‌ନୀ ବେମାରୀ
- ନଳକୂପରୁ ବାହାରୁଛି ଲୁହାଗୁଣ୍ଡ ମିଶା ପାଣି
- ହେଉନି ପ୍ରତିକାର

ଆନନ୍ଦପୁର ବ୍ଲକ କୋଡ଼ପଡା ପଞ୍ଚାୟତର ତନେଇପାଳ ଗାଁ। ଦୀର୍ଘ ବର୍ଷ ଧରି ଯେଉଁଠି ମୁଖ୍ୟ ସମସ୍ୟା ହେଉଛି କିଡ୍‌ନୀ ରୋଗ। ଦୂଷିତ ପାନୀୟ ଜଳ ପ୍ରଭାବରେ କିଡ୍‌ନୀ ରୋଗ ବୃଦ୍ଧି ପାଉଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଗୋଟିଏ ବର୍ଷ ମଧରେ ୧୫ରୁ ଊର୍ଦ୍ଧ୍ୱ ଲୋକ କିଡ୍‌ନୀ ରୋଗରେ ମୃତ୍ୟୁବରଣ କରିଥିବାବେଳେ ଅଦ୍ୟାବଧି ଗ୍ରାମରେ ୪ଜଣ ଏହି ରୋଗରେ ଆକ୍ରାନ୍ତ ହୋଇ ଚିକିତ୍ସିତ ହେଉଛନ୍ତି। ତନେଇପାଳ ପାତ୍ରସାହିରେ ଚମ୍ପାବତୀ ମହାନ୍ତ(୬୫)ଙ୍କର ୨୦୧୯ ମସିହା ଫେବୃୟାରୀ ୨୪ରେ କିଡ୍‌ନୀ ରୋଗରେ ମୃତ୍ୟୁ ହୋଇଥିଲା। ଠିକ୍ ତାର ୮ଦିନ ପରେ ଅର୍ଥାତ୍ ମାର୍ଚ୍ଚ ୩ ତାରିଖରେ ପୁଅ ଶାନ୍ତନୁ ମହାନ୍ତ (୪୨) ଏହି ରୋଗରେ ପଡି ମୃତ୍ୟୁବରଣ କରିଥିଲେ। ସେହିଭଳି ଦୀନବନ୍ଧୁ ମହାନ୍ତ (୩୯) ଗତବର୍ଷ କିଡ୍‌ନୀ ରୋଗରେ ଆକ୍ରାନ୍ତ ହୋଇ କଟକରେ ଚିକିତ୍ସିତ ହୋଇଥିଲେ। ଜଳଧର ମହାନ୍ତ (୪୦), ସର ମହାନ୍ତ (୪୫), କନକଲତା ମହାନ୍ତ (୫୫) ଏବେ ବି କିଡ୍‌ନୀ ରୋଗରେ ପୀଡିତ ହୋଇ ଚିକିତ୍ସିତ ହେଉଛନ୍ତି।

ପାତ୍ର ସାହିରେ ୪୦ରୁ ଊର୍ଦ୍ଧ୍ୱ ପରିବାର ବସବାସ କରୁଛନ୍ତି। ସେମାନଙ୍କ ପାଇଁ ଦୁଇ ଗୋଟି ନଳକୂପ ରହିଛି। ସେହି ନଳକୂପ ପାଣିରୁ ଲୁହା ଗୁଣ୍ଡ ଠାରୁ ଆରମ୍ଭ କରି ଯାବତୀୟ ପଦାର୍ଥ ବାହାରୁଛି। ଏହାକୁ ବ୍ୟବହାର କରିବା ଦ୍ୱାରା ଲୋକମାନେ କିଡ୍‌ନୀ ରୋଗ ଭଳି ବଡ଼ ରୋଗରେ ପଡ଼ି ମୃତ୍ୟୁବରଣ କରୁଛନ୍ତି। ସେହିଭଳି ତନେଇପାଳ ମୁଖ୍ୟ ସାହିରେ ୬୦ରୁ ଊର୍ଦ୍ଧ୍ୱ ପରିବାର ପାଇଁ ରହିଛି ଦୁଇ ଗୋଟି ନଳକୂପ। ହେଲେ ସେଥି ମଧ୍ୟରୁ ଦୁଇ ଗୋଟି ଅଚଳ ହୋଇପଡିଛି। ପାହାଡିଆ ଅଞ୍ଚଳର ଏହି ଲୋକମାନେ ନଳକୂପ ବ୍ୟତୀତ ଚୁଆପାଣି ଉପରେ ବିଶେଷ ଭାବେ ନିର୍ଭର କରିଥାନ୍ତି। ଅନେକ ସମୟରେ ୨ କି.ମି. ଚାଲି ଚାଲି ବୈତରଣୀରୁ ଜଳ ଆଣି ବ୍ୟବହାର କରିଥାନ୍ତି। ଖରାଦିନେ ଚୁଆ ଗୁଡିକର ପାଣି ଶୁଖିଯିବା ଫଳରେ ଏହାର ପଙ୍କ କାଦୁଅ ମିଶା ପାଣି ଲୋକମାନେ ବ୍ୟବହାର କରୁଛନ୍ତି। କିଡ୍‌ନୀ ରୋଗ ସମ୍ପର୍କରେ ଗ୍ରାମବାସୀ ବାରମ୍ବାର ଅଭିଯୋଗ କରିଥିଲେ ସୁଦ୍ଧା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସେଭଳି କୌଣସି ପଦକ୍ଷେପ ନିଆଯାଇନଥିବା ବୀଣାପାଣି ମହାନ୍ତ କହିଛନ୍ତି। ଜନ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଦୁଇ ଦୁଇ ଥର ପାଣିକୁ ପରୀକ୍ଷା ନିରୀକ୍ଷା କରିଥିଲେ ସୁଦ୍ଧା ସମସ୍ୟାର କୌଣସି ସମାଧାନ ହୋଇପାରିନି। ୫୮୯ ଲୋକ ସଂଖ୍ୟା ବିଶିଷ୍ଟ ଏହି ଗ୍ରାମର ଲୋକମାନେ କିଡ୍‌ନୀ ଜନିତ ରୋଗରେ ଆତଙ୍କିତ ହୋଇପଡିଛନ୍ତି। ଏହାର ସମାଧାନ କରା ନ ଗଲେ ଆଗାମୀ ଦିନରେ କିଡ୍‌ନୀ ରୋଗ ଅଧିକମାତ୍ରାରେ ଲୋକଙ୍କୁ ପ୍ରଭାବିତ କରିବାର ଆଶଙ୍କା ଦେଖାଦେଇଛି। ତେବେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଏହି ପାହାଡିଆ ଅଞ୍ଚଳର ଲୋକମାନେ କିଡ୍‌ନୀ ରୋଗରେ ଆକ୍ରାନ୍ତ ହୋଇ ଅଧିକାଂଶ ସମୟରେ ଦେଶୀ ଚିକିତ୍ସାକୁ ପ୍ରାଧାନ୍ୟ ଦେଉଛନ୍ତି। ରୋଗର ପ୍ରକୋପ ବୃଦ୍ଧି ପାଇବା ପରେ ମୃତ୍ୟୁମୁଖରେ ପଡୁଛନ୍ତି। ଏହି ଗ୍ରାମପ୍ରତି ସ୍ୱାସ୍ଥ୍ୟ ବିଭାଗ ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ଜଳଧର ମହାନ୍ତ, ବୀଣାପାଣି ମହାନ୍ତ, ଚତୁର୍ଭୁଜ ମହାନ୍ତ, ରୀନା ମହାନ୍ତଙ୍କ ସମେତ ବହୁ ଲୋକ ଦାବି ଜଣାଇଛନ୍ତି।



ଜଣେ ମହିଳା ନଳକୂପରୁ ପାଣି ନେଉଛନ୍ତି।

## ଅଜଣା ଗାଡି ଧକ୍କାରେ ବାଇକ୍ ଆରୋହୀ ମୃତ

ଯୋଡା,୧୯।୩(ଡି.ଏନ.ଏ.)

କେନ୍ଦୁଝର ଜିଲା ଯୋଡା ସ୍ଥିତ ୫୨୦ ନଂ ଜାତୀୟ ରାଜପଥର କଳାପାହାଡ ତାରିଣୀ ମନ୍ଦିର ସମ୍ମୁଖ ରାସ୍ତାରେ ସୋମବାର ସନ୍ଧ୍ୟା ପ୍ରାୟ ୬ ଘଟିକା ସମୟରେ ଏକ ଅଜଣା ଗାଡି ଧକ୍କାରେ କାହ୍ନୁ ଚଣ୍ଡ ନାମକ ଜଣେ ବାଇକ୍ ଆରୋହୀଙ୍କ ମୃତ୍ୟୁ ଘଟିଛି। ତାଙ୍କ ଘର ବାଲେଶ୍ୱର ଜିଲା ସଦର ଥାନା ଅନ୍ତର୍ଗତ ସାହୁପଡା ନିକଟବର୍ତ୍ତୀ ଗୋବିନ୍ଦପୁର ଗ୍ରାମରେ ବୋଲି ଜଣାପଡିଛି। ମିଳିଥିବା ସୂଚନା ଅନୁଯାୟୀ ମୃତ କାହ୍ନୁ ଚଣ୍ଡ ଏବଂ ତାଙ୍କ ଭିଣୋଇ ସତିଶ ମହାପାତ୍ରଙ୍କ ସହିତ ଯୋଡା ନେସ୍କୋ କାର୍ଯ୍ୟାଳୟକୁ କୌଣସି ଏକ କାର୍ଯ୍ୟରେ ଆସିଥିଲେ। ସତିଶ ମହାପାତ୍ରଙ୍କୁ ନେସ୍କୋ ଅଫିସ ନିକଟରେ ଛାଡି ଉକ୍ତ ରାସ୍ତାରେ କାହ୍ନୁ ଚଣ୍ଡ ବାଇକ୍ ଯୋଗେ ଯାଉଥିବା ସମୟରେ ଏକ ଗାଡି ତାଙ୍କ ଉପରେ ଚଢି ଯାଇଥିଲା। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ଖବର ପାଇ ପୋଲିସ ମୃତଦେହକୁ ଉଦ୍ଧାର କରିଥିବା ବେଳେ ଦୁର୍ଘଟଣା ଘଟାଇଥିବା ଗାଡି ସମ୍ପର୍କରେ କୌଣସି ସୁରାକ୍ ମିଳି ପାରି ନାହିଁ। ପୋଲିସ ଏ ନେଇ ଯୋଡା ଥାନାରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଥିବା ପ୍ରକାଶ କରିଛି।

## ଟ୍ରକ ଚାପାରେ ସ୍ୱାମୀ ମୃତ, ସ୍ତ୍ରୀ ଗୁରୁତର

କେନ୍ଦୁଝର ୧୯।୩ (ସ୍ୱ.ପ୍ର.)

କେନ୍ଦୁଝର ଜିଲା କାଞ୍ଜିପାଣି ନିକଟରେ ଏନଏଚ ୪୯ରେ ମଙ୍ଗଳବାର ଏକ ବାଇକକୁ ଟ୍ରକ ଧକ୍କା ଦେବାରୁ ଆରୋହୀ ଜଣକ ତଳେ ପଡିଯାଇଥିଲେ। ତାଙ୍କ ଉପରେ ବାଇକ ପଡିଯିବାରୁ ତାଙ୍କର ଘଟଣାସ୍ଥଳରେ ମୃତ୍ୟୁ ଘଟିଥିଲା। ମୃତକଙ୍କ ନାମ ରଣଜିତ ମହାରଣା। ଏହି ଦୁର୍ଘଟଣାରେ ତାଙ୍କ ସ୍ତ୍ରୀ ଗୁରୁତର ଆହତ ହୋଇ ଚିକିତ୍ସାଧୀନ ଅଛନ୍ତି। ତାଙ୍କ ଘର ତେଲକୋଇ ବ୍ଲକ କରଦାଙ୍ଗୀ ଗ୍ରାମରେ। ଗାଡି ଯାଞ୍ଚ ଚାଲିଥିବା ବେଳେ ଠିଆ ହୋଇଥିବା ଏକ ଲାଇନ ଟ୍ରକ ପଛକୁ ଫେରୁଥିବା ବେଳେ ପଛରେ ଆସୁଥିବା ବାଇକକୁ ଧକ୍କା ଦେଇଥିଲା ବୋଲି କୁହାଯାଉଛି। ଏହି ଘଟଣା ପରେ ସ୍ଥାନୀୟ ଲୋକ ରାସ୍ତା ଅବରୋଧ କରି କ୍ଷତିପୂରଣ ଦାବି କରିଥିଲେ। ପରେ ପୋଲିସ ପହଞ୍ଚି ଲୋକଙ୍କୁ ବୁଝାଶୁଝା କରିବା ପରେ ରାସ୍ତା ଅବରୋଧ ପ୍ରତ୍ୟାହୃତ ହୋଇଥିଲା। ରାସ୍ତାରେ ଗାଡି ଚଳାଚଳ ସ୍ୱାଭାବିକ ହୋଇଥିଲା ବୋଲି ଏସଡିପିଓ ସଦର ପି.ଜେ.ଟପ୍ପୋ କହିଛନ୍ତି। ପୋଲିସ ଦୁର୍ଘଟଣା ଘଟାଇଥିବା ଲାଇନ ଟ୍ରକକୁ ଜବତ କରି ତଦନ୍ତ କରୁଛି।

ଗତ ଦୁଇ ଦିନ ତଳେ ନୟାକୋଟ ଓ ବାମେବାରୀ ଥାନା ଅଞ୍ଚଳରେ ଗାଡି ଚାପାରେ ୨ ଜଣ ବ୍ୟକ୍ତିଙ୍କ ମୃତ୍ୟୁ ହାଇଥିଲା। ତେବେ କାଞ୍ଜିପାଣି ଅଞ୍ଚଳରେ ଗତ ଏକ ମାସ ମଧରେ ରାସ୍ତା ଦୁର୍ଘଟଣାରେ ପାଖାପାଖି ୧୦ ଜଣଙ୍କର ପ୍ରାଣହାନୀ ଘଟିଥିବାରୁ ସ୍ଥାନୀୟ ଅଞ୍ଚଳରେ ଲୋକ ମାନଙ୍କ ମଧରେ ଘୋର ଅସନ୍ତୋଷ ଦେଖାଦେଇଛି। ଏଣୁ ଏନେଇ ତୁରନ୍ତ ପଦକ୍ଷେପ ନେବାକୁ ଦାବି କରାଯାଇଛି।

## କାର୍ଯ୍ୟରେ ଯୋଗଦେଲେ ଗୋବର୍ଦ୍ଧନ

ହାଟଡିହୀ, ୧୯।୩(ଡି.ଏନ୍.ଏ.)

କେନ୍ଦୁଝର ଜିଲା ହାଟଡିହୀ ବ୍ଲକ ମରେଇଗାଁ ସମବାୟ ସମିତିରେ ସଭାପତି ଭାବେ ଗୋବର୍ଦ୍ଧନ ଦାସ ମଙ୍ଗଳବାର କାର୍ଯ୍ୟରେ ଯୋଗଦାନ କରିଛନ୍ତି। ଗତ ୨୦୧୫ ଫେବୃୟାରୀ ମାସରେ ଗୋବର୍ଦ୍ଧନ ସମିତି ସଭାପତି ଭାବେ ନିର୍ବାଚିତ ହୋଇଥିଲେ। ପରେ ସମ୍ପାଦକଙ୍କୁ ନିଲମ୍ବନ କରିବା ନେଇ ବିବାଦୀୟ ପରିସ୍ଥିତି ସୃଷ୍ଟି ହୋଇଥିଲା। ଗତ ସୋମବାର ସଭାପତି ଦାସ ସମିତିକୁ ଯୋଗଦାନ କରିବାକୁ ଯାଇଥିବାବେଳେ ସମିତିରେ ତାଲା ପଡିଥିବାରୁ ସେ ହଟହଟା ହୋଇଥିଲେ। ଏନେଇ ଏକ ଖବର ଧରିତ୍ରୀରେ ପ୍ରକାଶ ପାଇଥିଲା। ଫଳରେ ମଙ୍ଗଳବାର ସଭାପତି ଦାସ ସମିତିରେ ଯାଇ ନିଜର ଯୋଗଦାନ ପତ୍ର ସମ୍ପାଦକଙ୍କୁ ପ୍ରଦାନ କରିଥିଲେ।

## ନିମ୍ନମାନର ରାସ୍ତା କାମ: ବଢୁଛି ପ୍ରଦୂଷଣ

କେନ୍ଦୁଝର, ୧୯।୩ (ସ୍ୱ.ପ୍ର.)

ଜାତୀୟ ରାଜପଥ ୫୨୦ର ରିମୁଳିଠାରୁ କୋଇଡା ପର୍ଯ୍ୟନ୍ତ ଚାରିଲେନ୍ ରାସ୍ତା କାମ ଚାଲୁ ରହିଛି। ଏହି କାମ ପାଇଁ ପ୍ରଥମେ ୨୦୧୧ ମସିହାରେ ଟେଣ୍ଡର ହୋଇଥିଲା। ମାତ୍ର ଠିକାଦାର ଅଧା କାମ କରି ପଳାଇବା ପରେ ରାସ୍ତା କାମ ବନ୍ଦ ରହିଥିଲା। ରିମୁଳିଠାରୁ କୋଇଡ଼ା ପର୍ଯ୍ୟନ୍ତ ୧୦୪ କି.ମି. ରାସ୍ତା ନିର୍ମାଣ ପାଇଁ ଠିକା କାର୍ଯ୍ୟ କରୁଥିବା ସଂସ୍ଥା ନିମ୍ନମାନର କାମ କରୁଥିବା ସ୍ଥାନୀୟ ଲୋକେ ଅଭିଯୋଗ କରୁଛନ୍ତି। ଏନ୍‌ଏଚ୍‌ଏଆଇର କ୍ୱାଲିଟି କଣ୍ଟ୍ରୋଲ ବିଭାଗ ପକ୍ଷରୁ ରାସ୍ତା କାର୍ଯ୍ୟରେ ବ୍ୟବହାର କରିବା ପାଇଁ ନିର୍ଦ୍ଧାରିତ ହୋଇଥିବା ସାମଗ୍ରୀକୁ ଛାଡ଼ି ଅତି ନିମ୍ନମାନର ମାଟି, ମୋରମ, ଚିପ୍ସ, ମେଟାଲ ବ୍ୟବହାର କରୁଥିବା ଅଭିଯୋଗ ହେଉଛି।

ବ୍ୟାପକ ଲଘୁଖଣିଜ ଦ୍ରବ୍ୟ ଚୋରାରେ ଅଣାଯାଇ ରାସ୍ତା କାମରେ ବ୍ୟବହାର କରାଯାଉଥିବା ମଧ ଅଭିଯୋଗ କରାଯାଉଛି। ସ୍ଥାନୀୟ ରାଜନେତାଙ୍କ ଚାପରେ କାମର ମାନ ତଦାରଖ ହେଉନାହିଁ। କାରଖାନାର ବର୍ଜ୍ୟବସ୍ତୁକୁ ଆଣି ରାସ୍ତା କାମରେ ବ୍ୟବହାର କରାଯାଉଥିବା ମଧ ଅଭିଯୋଗ ହେଉଛି। ରାସ୍ତା କାମ ସମୟରେ ପାଣି ସିଞ୍ଚନ ହେଉନଥିବାରୁ ଧୂଳିଧୂଆଁ ପ୍ରଦୂଷଣରେ ଆଖପାଖ ଲୋକ ଅସ୍ତବ୍ୟସ୍ତ ହୋଇ ରହିଛନ୍ତି। ପରିବେଶ ନିୟମ ଉଲ୍ଲଂଘନ କରି ଏକ କମ୍ପାନୀ ମନମୁଖି ଭାବେ ମାଟି ଖନନ କରିବା ସହ ଜିଲାସ୍ତରୀୟ ପରିବେଶ ମୂଲ୍ୟାୟନ ପ୍ରାଧିକରଣଠାରୁ ମଧ ଅନୁମତି ନେଇ ନ ଥିବା ଜଣାପଡ଼ିଛି। ରାସ୍ତା କାମ ପାଇଁ ଆବଶ୍ୟକ ପଡୁଥିବା ମୋରମ ଏବଂ ମାଟି ପାଇଁ କୌଣସି କ୍ୱାରୀ ଲିଜ୍ ନ ନେଇ ମନଇଚ୍ଛା ଜଙ୍ଗଲ ଜମି ଏବଂ ସରକାରୀ ଜମିରୁ ମାଟି ଏବଂ ମୋରମ ଖନନ କରୁଥିବାରୁ ଜଙ୍ଗଲ ଜୀବଜନ୍ତୁ ଏବଂ ସ୍ଥାନୀୟ ଲୋକଙ୍କ ପାଇଁ ବିପଦର କାରଣ ହୋଇଛି। ଯୋଡ଼ା ତହସିଲ ଏବଂ ବଡ଼ବିଲ ତହସିଲ ଅଞ୍ଚଳରେ ବ୍ୟାପକ ଲଘୁ ଖଣିଜ ସମ୍ପଦ ଲୁଟ୍ ଚାଲିଥିଲେ ମଧ୍ୟ ସ୍ଥାନୀୟ ରାଜସ୍ୱ ନିରୀକ୍ଷକମାନେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନଥିବାରୁ ସନ୍ଦେହ ସୃଷ୍ଟି ହେଉଛି। ଅଭିଯୋଗ କଲେ କିଛି ଫାଇନ କରି ଚୁପହୋଇ ବେଆଇନ କାମକୁ ପ୍ରୋତ୍ସାହିତ କରୁଥିବାରୁ ପରିବେଶବିତମାନେ ଅସନ୍ତୋଷ ବ୍ୟକ୍ତ କରୁଛନ୍ତି। ରାସ୍ତା କାମ ସମୟରେ ଖାଲଖମା ଥିବା ରାସ୍ତା ଗମନାଗମନ ଉପଯୋଗୀ କରିବାରେ ରିପ୍ୟାରିଂ ବ୍ୟବସ୍ଥା ପାଇଁ ଏନ୍‌ଏଚ୍‌ଏଆଇ ନିର୍ଦ୍ଦେଶ ଦେଇଥିଲେ ମଧ କରାଯାଉନଥିବାରୁ ଯାତାୟାତ ବ୍ୟାହତ ହେଉଛି। ଏ ସମ୍ପର୍କରେ ରାଉରକେଲା ଏନ୍‌ଏଚ୍‌ଏଆଇ ପିଡି ସୌରଭ ଚୌରାଶିଆ କହିଛନ୍ତି ଯେ, କାମ ଠିକ ଭାବେ କରିବା ସହ ପରିବେଶୀୟ ଅନୁମୋତି ନେଇ କରିବାକୁ ଚିଠି କରାଯାଇଛି। କାମ ଖରାପ ହେଲେ କମ୍ପାନୀକୁ କାମରୁ ନିବୃତ୍ତ କରାଯିବ।



ରାସ୍ତା ନିର୍ମାଣ ଚାଲିଛି।

## ଅଦିନିଆ ବର୍ଷାରେ ଉଜୁଡ଼ିଛି କୋବି ଫସଲ

ଚମ୍ପୁଆ, ୧୯।୩ (ଡି.ଏନ.ଏ.)

ତିନିଦିନ ଧରି ଚମ୍ପୁଆ ଅଞ୍ଚଳରେ ଲାଗି ରହିଥିବା ବର୍ଷା ଫଳରେ ପନିପରିବା ଚାଷୀମାନେ ବହୁ କ୍ଷୟକ୍ଷତିର ସମ୍ମୁଖୀନ ହୋଇଥିବା ଦେଖିବାକୁ ମିଳିଛି। ପରିବା ଚାଷୀଙ୍କ ଉପରେ ଏହାର ପ୍ରଭାବ ପ୍ରବଳ ମାତ୍ରାରେ ପଡିଛି। ଚମ୍ପୁଆ ବ୍ଲକର ବହୁଅଞ୍ଚଳରେ କୁଆପଥର ମାଡ଼ରେ ପରିବା ଚାଷ ଉଜୁଡି ଯାଇଥିବା ବେଳେ ମହେଶ୍ୱରପୁର ଅଞ୍ଚଳରେ ଅଦିନିଆ ବର୍ଷା କୋବି ଚାଷୀଙ୍କ ଅଣ୍ଟା ଦୋହଲାଇ ଦେଇଛି। ମହେଶ୍ୱରପୁର ଅଞ୍ଚଳର ଚାଷୀ ଜତିନ ମହାନ୍ତଙ୍କ ଦ୍ୱାରା ଲଗାଯାଇଥିବା ୧୧୦୦୦ କୋବିରୁ ଫୁଲ ଓ ବନ୍ଧାକୋବି ମିଶି ପ୍ରାୟ ୬୦୦୦ ବିକ୍ରି ଅନୁପୋଯାଗୀ ହୋଇ ପଡିଥିବା ବେଳେ ପ୍ରବୀଣ ମହାନ୍ତ, ପରମାନନ୍ଦ ମହାନ୍ତ, ଦୁଷ୍ମନ୍ତ ମହାନ୍ତଙ୍କ ସମେତ ବହୁଚାଷୀଙ୍କୁ କ୍ଷତି ସହିବାକୁ ପଡିଛି। ବର୍ଷାରେ କୋବିର ଉପରିଭାଗ କଳା ପଡିଯାଉଥିବା ଦେଖିବାକୁ ମିଳିଛି। ଯେଉଁ କୋବି ବିକ୍ରି ପାଇଁ ବଜାରକୁ ଆସୁଛି ତାହା ଖାଉଟିଙ୍କୁ ସନ୍ତୁଷ୍ଟ କରିପାରୁ ନାହିଁ।



କୋବି ବିଲରେ ଚାଷୀ।

## ଅଧିକାରୀଙ୍କ ବଦଳି ଦାବି କଲା କଂଗ୍ରେସ

କେନ୍ଦୁଝର ୧୯।୩ (ସ୍ୱ.ପ୍ର.)

ଦୀର୍ଘ ୫ ବର୍ଷରୁ ଅଧିକ ବର୍ଷ ଜିଲାର ଏସଟି/ଏସସି ବିଭାଗରେ ବିଭିନ୍ନ ପଦ ପଦବୀରେ କାମ କରିଥିବା ଜୁଆଙ୍ଗ ଉନ୍ନୟନ ସଂସ୍ଥାର ଜଣେ ଅଧିକାରୀଙ୍କ ବଦଳି ପାଇଁ କଂଗ୍ରେସର ପିସିସି ସାଧାରଣ ସମ୍ପାଦକ ବିଦ୍ୟାଧର ଦେହୁରୀ ଦାବି କରିଛନ୍ତି। ଏନେଇ ଜିଲା ନିର୍ବାଚନ ଅଧିକାରୀଙ୍କୁ ଲିଖିତ ଭାବେ ଜଣାଇବା ସହ ରାଜ୍ୟ ନିର୍ବାଚନ ଅଧିକାରୀଙ୍କୁ ଜଣାଇବେ ବୋଲି ଦେହୁରୀ କହିଛନ୍ତି ଏହି ଅଧିକାରୀ ପୂର୍ବରୁ ମଙ୍ଗଳ ଅଧିକାରୀ ଭାବେ କାମ କରି ଏବେ ଜୁଆଙ୍ଗ ଉନ୍ନୟନ ସଂସ୍ଥାରେ କାମ କରୁଛନ୍ତି। ଉକ୍ତ ପଦବୀରେ ବହୁ ବର୍ଷ ଧରି ରହିବା ଫଳରେ ଆଦିବାସୀ ଭୋଟର ମାନଙ୍କୁ ଶାସକ ଦଳ ସପକ୍ଷରେ ଭୋଟ ଦେବା ପାଇଁ ପ୍ରଭାବିତ କରୁଥିବା ସେ ଅଭିଯୋଗ କରିଛନ୍ତି।

## ୬୭ ବର୍ଷରେ ଦୋଳ ମେଳଣ

ଝୁମ୍ପୁରା, ୧୯।୩ (ଡି.ଏନ.ଏ.)

### ଶୋଭା ପାଉଛନ୍ତି ରାଧାକୃଷ୍ଣ

ଝୁମ୍ପୁରା ଦୋଳ ପଡିଆ ଠାରେ ୧୬ ତାରିଖଠାରୁ ଆରମ୍ଭ ହୋଇଛି ଦୋଳ ଉତ୍ସବ। ପରମ୍ପରାର ସ୍ମୃତି ବହନ କରୁଥିବା ଝୁମ୍ପୁରା ଦୋଳ ଉତ୍ସବ ଚଳିତ ବର୍ଷ ୬୭ ବର୍ଷରେ ପଦାର୍ପଣ କରିଛି। ଉତ୍ସବ ଆରମ୍ଭରୁ ପ୍ରତିକୂଳ ପାଗ ସତ୍ତ୍ୱେ ଶ୍ରଦ୍ଧାଳୁଙ୍କ ଭିଡ କିଛିଟା କମ୍ ପରିଲକ୍ଷିତ ହେଉଥିଲେ ହେଁ, ଗ୍ରାମବାସୀଙ୍କ ଭିତରେ ଉତ୍ସାହ କମ ହୋଇନାହିଁ।

ଦୋଳ ମଣ୍ଡପର ସୁସଜ୍ଜିତ ମେଢ ଉପରେ ପୂଜା ପାଉଛନ୍ତି ରାଧାକୃଷ୍ଣଙ୍କର ଯୁଗଳ ବିଗ୍ରହ। ଫଗୁ ଦଶମୀଠାରୁ ୫ଦିନ ଧରି ଦୋଳ ଉତ୍ସବ ଏଠାରେ ପାଳିତ ହୋଇଥାଏ। ପରମ୍ପରା ଅନୁସାରେ ପୂର୍ଣ୍ଣିମାର ପୂର୍ବ ୩ ଦିନ ଠାକୁର ଗ୍ରାମ ପରିକ୍ରମା କରନ୍ତି। ଏକ ଟ୍ରଲିକୁ ସୁସଜ୍ଜିତ କରି ବିମାନର ଦିଆଯାଏ। ବିମାନରେ ରାଧାକୃଷ୍ଣଙ୍କର ଯୁଗଳ ବିଗ୍ରହକୁ ରଖାଯାଇ ସଂକିର୍ତନ ମଣ୍ଡଳୀ, ଘଣ୍ଟା, ଶଙ୍ଖଧ୍ୱନୀ ସହିତ ଗ୍ରାମ ପରିକ୍ରମାରେ ନିଆଯାଇଥାଏ। ପରମ୍ପରା ଅନୁସାରେ ପୂର୍ଣ୍ଣିମା ସନ୍ଧ୍ୟାରେ ଠାକୁର ମେଳଣ ହୁଏ। ଆଖପାଖ ଗ୍ରାମରୁ ଠାକୁର ଦୋଳ ପଡିଆରେ ପହଞ୍ଚିନୂତନ ପିକା ପଠନ କରାଯାଏ। ମେଳଣ ପରେ ଠାକୁରମାନେ ଅବିର ଖେଳିଥାନ୍ତି। ଗ୍ରାମର ମଙ୍ଗଳ ମନାସୀ ପୂଜାର୍ଚ୍ଚନା କରାଯାଇଥାଏ। ହୋଲି ବାସୀ ଦିନ ରାଧାକୃଷ୍ଣଙ୍କ ବିଗ୍ରହ ଗାଁରୁ ମେଲାଣୀ ନେଇଥାନ୍ତି।

ରାଧା ଗୋବିନ୍ଦ ଯୁବକ ସଂଘ ଏବଂ ଗ୍ରାମବାସୀଙ୍କ ମିଳିତ ଉଦ୍ୟମରେ ଚଳିତ ବର୍ଷ ଦୋଳ ଉତ୍ସବକୁ ଶାନ୍ତି ଶୃଙ୍ଖଳାର ସହିତ ଧୁମଧାମରେ ପାଳନ ଲାଗି ସବୁ ମତେ ପ୍ରୟାସ କରାଯାଇଛି। ମୀନା ବଜାର ସାଙ୍ଗକୁ ପ୍ରତ୍ୟହ ସନ୍ଧ୍ୟା ସମୟରେ ସାଂସ୍କୃତିକ କାର୍ଯ୍ୟକ୍ରମ ମାନ ଅନୁଷ୍ଠିତ ହେଉଛି। ଗ୍ରାମାଞ୍ଚଳର ପ୍ରତିଭାମାନେ ସାଂସ୍କୃତିକ କାର୍ଯ୍ୟକ୍ରମରେ ସହଭାଗିତା କରୁଛନ୍ତି। ଆସନ୍ତା ୨୨ରେ ହୋଲି ଉତ୍ସବ ପାଳନ ଏବଂ ୨୪ ତାରିଖରେ ଭସାଣି ଉତ୍ସବ ପାଳନ ପ୍ରସ୍ତୁତି କରାଯାଇଛି ବୋଲି ରାଧାଗୋବିନ୍ଦ ଯୁବସଂଘ ସଭାପତି ଜୟନ୍ତ ବେହେରା ସୂଚନା ଦେଇଛନ୍ତି।



ରାଧାକୃଷ୍ଣଙ୍କ ବିଗ୍ରହ ମୂର୍ତ୍ତିକୁ ପୂଜା କରାଯାଉଛି।

## ଦାବି ପୂରଣ ନ ହେଲେ ଭୋଟ ବର୍ଜନ ଚେତାବନୀ

କେନ୍ଦୁଝର, ୧୯।୩ (ସ୍ୱ.ପ୍ର.)

- ବୈତରଣୀ ଦେଉଛି ଦୁଃଖ
- ଗାଁକୁ ନାହିଁ ସ୍ଥାୟୀ ପୋଲ

ମୌଳିକ ସୁବିଧାରୁ ବଞ୍ଚିତ ବାଂଶପାଳ ବ୍ଲକର କେନ୍ଦୁଘାଟି ଓ କାଶିଆ ଗ୍ରାମର ଲୋକମାନେ ଦାବି ପୂରଣ ନ ହେଲେ ଭୋଟ ବର୍ଜନ କରିବା ସହ ପ୍ରଚାର ପାଇଁ ନେତାଙ୍କୁ ଗ୍ରାମରେ ପୂରାଇ ଦେବେନାହିଁ ବୋଲି ଚେତାବନୀ ଦେଇଛନ୍ତି। ଏଭଳି ନିଷ୍ପତ୍ତି ଗ୍ରାମରେ ଅନୁଷ୍ଠିତ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀର ମହିଳାମାନେ ନେଇଥିବା ଜଣାପଡିଛି। ଏନେଇ ସୋମବାର ଦାବିପତ୍ର ଜିଲାପାଳଙ୍କୁ ପ୍ରଦାନ କରିଛନ୍ତି। ସରକାର ମହିଳାମାନଙ୍କ ବିକାଶ ପାଇଁ ସେମାନଙ୍କ ସମସ୍ୟାକୁ ଗୁରୁତ୍ୱ ଦେଉଥିବାବେଳେ କେନ୍ଦୁଘାଟିର ମହିଳାମାନଙ୍କ ଦୁଃଖ ଶୁଣୁ ନ ଥିବାରୁ ସେମାନେ ଅସନ୍ତୋଷ ବ୍ୟକ୍ତ କରିଛନ୍ତି।

ବୈତରଣୀ ନଦୀ ଘେରରେ ଥିବା ଏହି ଗ୍ରାମକୁ ପୋଲ ଟିଏ ନାହିଁ। ସେମାନଙ୍କ ଦୁଃଖ ପାଲଟିଛି ବୈତରଣୀ ନଦୀ। ଏହି ଗ୍ରାମରେ ପାଖାପାଖି ୧୭ ଶହ ଓ ସମସ୍ତେ ଆଦିବାସୀ ସମ୍ପ୍ରଦାୟର ଲୋକ ବସବାସ କରୁଛନ୍ତି। ଜୀବନଜୀବିକା ପାଇଁ ଚାଷ ସହିତ ଜଙ୍ଗଲ ଉପରେ ନିର୍ଭରଶୀଳ ଥିବା କହିଛନ୍ତି। ତେବେ ପଞ୍ଚାୟତକୁ ଚାଉଳ ପାଇଁ ଗଲେ ବା ଚାଷ ଓ ଜଙ୍ଗଲଜାତ ସାମଗ୍ରୀ ବିକ୍ରି ବଟା କରିବାକୁ ହେଲେ ବୈତରଣୀ ବାଧକ ସାଜୁଥିବାରୁ ସେମାନେ ଅକଥନୀୟ ଅସୁବିଧା ଭୋଗୁଥିବା କହିଛନ୍ତି। ହାଟବଜାର, ଡାକ୍ତରଖାନା, ସ୍କୁଲ ଓ କଲେଜ ଆଦି ଯିବା ଆସିବାରେ ବହୁ ଅସୁବିଧା ଭୋଗୁଥିବା ବେଳେ ଆଷାଢ଼ ମାସ ଆସିଲେ ସେମାନଙ୍କ ମନରେ ଭାଲେଣି ପଡ଼ିଯାଏ।

ଏକ ପକ୍ଷରେ ବୈତରଣୀ ନଦୀ କୂଳ ଖାଉଥିବାର ଭୟ ଅନ୍ୟପକ୍ଷରେ ନଦୀ ପାର ହେବାର ଭୟ ଘାରିଥାଏ। ପାଣି ଦେଇ ଆମ୍ବୁଲାନ୍ସ ଯାଇପାରେ ନାହିଁ। ସେଥିଲାଗି ରୋଗୀ ମୃତ୍ୟୁମୁଖରେ ପଡୁଛନ୍ତି। ନଦୀରେ ପାଣି ବଢ଼ିଲେ ଡଙ୍ଗା ହିଁ ଏକମାତ୍ର ସାହା ଭରସା ହୋଇଥାଏ। ଏହି ଡଙ୍ଗାରେ ଯାତାୟାତ ମଧ ବିପଜ୍ଜନକ ହୋଇଥାଏ। କିନ୍ତୁ ଏଥିପ୍ରତି ପ୍ରଶାସନର ସ୍ଥାନୀୟ ନେତାଙ୍କ ପ୍ରତି ଦୃଷ୍ଟି ପଡୁ ନ ଥିବାରୁ ସେମାନେ ଅକଥନୀୟ ଅସୁବିଧା ଭୋଗୁଛନ୍ତି। ତିନି ବର୍ଷ ତଳେ ସେତୁ ନିର୍ମାଣ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନା କରାଗଲା କିନ୍ତୁ ନିର୍ମାଣ ହୋଇ ପାରିଲା ନାହିଁ। ଦାବି କଲେ ବହୁ ପ୍ରତିଶ୍ରୁତି ମିଳୁଛି। କିନ୍ତୁ ବାସ୍ତବ ଦୁଃଖ କେହି ବୁଝୁନାହାନ୍ତି। ଏଣୁ ଦାବିପୂରଣ ନ ହେଲେ ସରକାରଙ୍କ ବିରୋଧରେ ଭୋଟ ଦେବୁ ନାହିଁ ବୋଲି ନିଷ୍ପତ୍ତି ନେବା ସହ ଭୋଟ ପାଇଁ ଆସୁଥିବା ନେତାଙ୍କୁ ବିରୋଧ କରାଯିବ ବୋଲି ଚେତାବନୀ ଦେଇଛନ୍ତି। ଏହି ବୈଠକରେ ମା ବୈତରଣୀ, ମା' ବୃନ୍ଦାବତୀ, ମା' ମଙ୍ଗଳା, ଜୟ ମା' ତାରିଣୀ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀର ସୁମିତ୍ରା ମୁଣ୍ଡା, ଗୋଲାପ ମୁଣ୍ଡା, ପୂର୍ଣ୍ଣମୀ ମୁଣ୍ଡାଙ୍କ ସମେତ ଶତାଧିକ ମହିଳା ସଦସ୍ୟା ଉପସ୍ଥିତ ରହି ନିଷ୍ପତ୍ତି ନେଇଥିବା ଜଣାପଡିଛି। ଏନେଇ ପ୍ରଶାସନ ଦୃଷ୍ଟି ଦେବା ଆବଶ୍ୟକ ବୋଲି ଆଇନଜୀବୀ ତଥା ସାମାଜିକ କର୍ମୀ ଦୈତାରୀ ଆପଟ କହିଛନ୍ତି।



ମହିଳାମାନେ ବୈଠକରେ ଭୋଟ ବର୍ଜନ ନିଷ୍ପତ୍ତି ନେଉଛନ୍ତି।

# ବଢୁଛି ଚୋରା ମଦ କାରବାର

**ଅନୁଗୋଳ ଅଫିସ/ବଅଁରପାଳ, ୧୯।୩ (ଡି.ଏନ୍.ଏ.)**

ଆଗକୁ ନିର୍ବାଚନ ଥିବାରୁ ଅନୁଗୋଳ ସହର ସମେତ ଆଖପାଖ ଅଞ୍ଚଳରେ ଚୋରା ମଦ କାରବାର ବୃଦ୍ଧି ପାଉଛି। ମଦ୍ୟପମାନେ ଚଢ଼ାଉ ଭୟରେ ସୁରକ୍ଷିତ ସ୍ଥାନ ଖୋଜୁଛନ୍ତି। ଏପରି କି ଖୋଲା ପଡ଼ିଆ, କେନାଲ ପାର୍ଶ୍ୱରେ ସେମାନେ ଆଡ୍ଡା ଜମାଉଛନ୍ତି। ସେହିପରି ବିଭିନ୍ନ ହୋଟେଲ, ରାଶନ ଦୋକାନ, ପାନ ଦୋକାନରେ ମଦ ମିଳୁଥିବା ବେଳେ କେତେଜଣ ବ୍ୟକ୍ତିଗତ ଭାବେ ଚୋରାରେ ମଦ କାରବାର କରୁଛନ୍ତି। ଅବକାରୀ ବିଭାଗ ଓ ପୋଲିସ ପ୍ରଶାସନ ପକ୍ଷରୁ ଠୋସ ପଦକ୍ଷେପ ନିଆଯାଉ ନ ଥିବାରୁ ଏହି କାରବାର ବଢ଼ି ଚାଲିଥିବା ଚର୍ଚ୍ଚାର ବିଷୟ ପାଲଟିଛି।

ଡେରଜାଙ୍ଗ ପ୍ରକଳ୍ପରୁ ବଳରାମପ୍ରସାଦ ଦେଇ ଆସିଥିବା ମୁଖ୍ୟ କେନାଲ, କୁରୁଡୁଲ କେନାଲ, ନନ୍ଦିରା, ଲିଙ୍ଗରା ନାଳ ସମେତ ସହରର ବିଭିନ୍ନ ଡ୍ରେନ ପାର୍ଶ୍ୱରେ ଅବାଧରେ ନିଶା ସେବନ ଚାଲିଛି। ମଦ୍ୟପାନ ପରେ ବୋତଲ ଓ ପ୍ଲାଷ୍ଟିକ ଗ୍ଲାସଗୁଡ଼ିକୁ ସେଠାରେ ଫୋପାଡ଼ି ଦିଆଯାଉଥିବାରୁ ଉକ୍ତ କେନାଲ, ନାଳ ଓ ଡେନ୍‌ଗୁଡ଼ିକ ପୋତି ହେଇପଡୁଥିବା ଦେଖାଯାଉଛି। ଏଥିଯୋଗୁ ଜଳ ନିଷ୍କାସନ ପଥ ଅବରୋଧ ସହ ପରିବେଶ ପ୍ରଦୂଷିତ ହେଉଥିବା ସାଧାରଣରେ ଅଭିଯୋଗ ହୋଇଛି। ଏ ସମ୍ପର୍କରେ ଜିଲା ଅବକାରୀ ଅଧୀକ୍ଷକ ସୁରେଶ ନାଏକ କହିଛନ୍ତି, ଯଦି ଏହିସବୁ ସ୍ଥାନରେ ମଦ୍ୟପମାନଙ୍କ ଆଡ୍ଡା ଜମୁଛି ସେଥିପ୍ରତି ଦୃଷ୍ଟି ଦିଆଯିବ। ବିଶେଷକରି କେନାଲ ଅଞ୍ଚଳରେ ମଦ ବୋତଲ ସମେତ ପ୍ଲାଷ୍ଟିକ ଗ୍ଲାସ କିପରି ନ ପଡ଼ିବ ସେଥିପ୍ରତି ଧ୍ୟାନ ଦେବି।



ଡେରଜାଙ୍ଗ ପ୍ରକଳ୍ପରୁ ଆସିଥିବା ଏକ ମୁଖ୍ୟ କେନାଲରେ ମଦ ବୋତଲ, ପାଉଚ ଗଦା ହୋଇଛି।

## ସଂକ୍ଷେପରେ

### ଜାତୀୟ ଯୋଜନାରେ ସାମିଲ ପାଇଁ ଆବେଦନ

ଅନୁଗୋଳ ଅଫିସ, ୧୯।୩- ଜାତୀୟ ପରିବାର କଲ୍ୟାଣ ଯୋଜନାରେ ସାମିଲ ହେବାକୁ ମଙ୍ଗଳବାର ତାଳଚେର ବ୍ଲକ ସାଉଥ୍‌ବଲଣ୍ଡାର ନିରୁପମା ମହାନ୍ତି ଜିଲାପାଳଙ୍କ ନିକଟରେ ଆବେଦନ କରିଛନ୍ତି। ସେ ଦର୍ଶାଇଛନ୍ତି ଯେ, ଅର୍ଥ ଅଭାବରୁ ରୋଗରେ ପଡ଼ିଥିବା ପୁଅ ବିରଞ୍ଚି ନାରାୟଣ ମହାନ୍ତି(୨୭)ଙ୍କ ଚିକିତ୍ସା କରିପାରି ନ ଥିଲେ। ଫଳରେ ୨୦୧୮ ଜୁଲାଇ ୨୪ରେ ପୁଅର ମୃତ୍ୟୁ ହୋଇଯାଇଛି। ୧୮ ବର୍ଷ ହେବ ସ୍ୱାମୀ ହରେକୃଷ୍ଣ ମହାନ୍ତି ତାଙ୍କୁ ଛାଡ଼ି କୁଆଡ଼େ ପଳାଇଛନ୍ତି। ଏପରି ଅବସ୍ଥାରେ ଥିବାରୁ ବଞ୍ଚିବା ପାଇଁ ତାଙ୍କୁ ଉକ୍ତ ଯୋଜନାରେ ସାମିଲ କରାଯାଉ ବୋଲି ସେ ନିବେଦନ କରିଛନ୍ତି। ତେବେ ନିର୍ବାଚନ ଆଚରଣ ବିଧି ଲାଗୁ ହୋଇଥିବାରୁ ବର୍ତ୍ତମାନ ଏଥିରେ କୌଣସି ବିଚାର କରାଯାଇ ପାରିବ ନାହିଁ। ଆଚରଣବିଧି ଉଠିବା ପରେ ବିଚାର କରାଯିବ ବୋଲି ଜିଲା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।

### ଦଳିତ କଲ୍ୟାଣ ସମିତି ସମାବେଶ

ତାଳଚେର,୧୯।୩(ନି.ପ୍ର.)- ତାଳଚେର ବ୍ଲକ କଣ୍ଡାଳ ପଞ୍ଚାୟତ ଅରଖପାଳଠାରେ ଦଳିତ କଲ୍ୟାଣ ସମିତି ପକ୍ଷରୁ ଏକ ସମାବେଶ ଅନୁଷ୍ଠିତ ହୋଇଯାଇଛି। ଅଜୟ ଗୋଛାୟତ ଏଥିରେ ଅଧ୍ୟକ୍ଷତା କରିଥିଲେ। ଭାଜପା ରାଜ୍ୟ ସମ୍ପାଦକ କାଳନ୍ଦୀ ସାମଲ, ବ୍ଲକ ଅଧ୍ୟକ୍ଷ ବୃନ୍ଦାବନ ବେହେରା, ଜିଲା ପରିଷଦ ସଦସ୍ୟା ଲକ୍ଷ୍ମୀପ୍ରିୟା ମଲ୍ଲିକ, ତେଣ୍ଟୁଲେଇ ସରପଞ୍ଚ ଲିଜା ବେହେରା, ଘଣ୍ଟପଡ଼ା ସମିତି ସଭ୍ୟା ସରୋଜିନୀ ବେହେରା, ଭାଜପା ମିଡିଆସେଲ ପ୍ରଭାରୀ ପର୍ଶୁରାମ ବାରିକ, ଚୈତନ୍ୟ ପ୍ରଧାନ, ବରୁଣ ସାହୁ, ଟିକନ ପାତ୍ର, ପ୍ରଶାନ୍ତ ନନ୍ଦ, ଦେବେନ୍ଦ୍ର ବାରିକ, କୃଷ୍ଣଚନ୍ଦ୍ର ଦାସ ପ୍ରମୁଖ ସମାବେଶରେ ଯୋଗ ଦେଇଥିଲେ। ଏହି ଅବସରରେ ଭାଜପା ରାଜ୍ୟ ସମ୍ପାଦକ କାଳନ୍ଦୀ ସାମଲଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

### ପୂର୍ବ ଶତ୍ରୁତାକୁ ନେଇ ଆକ୍ରମଣ

କଣିହାଁ,୧୯।୩(ଡି.ଏନ.ଏ.)- ସମଲ ଥାନା ଗହମ ଗ୍ରାମରେ ପୂର୍ବ ଶତ୍ରୁତାକୁ ନେଇ ସୋମବାର ରାତିରେ ସନ୍ତୋଷ କୁମାର ଗଡ଼ନାୟକଙ୍କୁ ସେହି ଗ୍ରାମର ବିପିନ ବେହେରା ଓ ମିଥୁନ ବେହେରା ମାଡ଼ ମାରିଥିଲେ। ଏଥିରେ ସନ୍ତୋଷ ଗୁରୁତର ହୋଇଥିଲେ। ଏ ନେଇ ସନ୍ତୋଷ ମଙ୍ଗଳବାର ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତି କରି ନଂ. ୫୫/୧୯ରେ ଏକ ମାମଲା ରୁଜୁ କରାଯାଇ ତଦନ୍ତ ଜାରି ରହିଥିବା ତଦନ୍ତକାରୀ ଏସ୍‌ଆଇ ବିକ୍ରମ ବିହାରୀ ଜୟପୁରୀୟା ପ୍ରକାଶ କରିଛନ୍ତି।

### ଦୁର୍ଘଟଣାରେ ସିଗ୍‌ନାଲ ମ୍ୟାନ ଗୁରୁତର

କଣିହାଁ,୧୯।୩(ଡି.ଏନ.ଏ.)- କଣିହାଁ ବ୍ଲକ ସ୍ଥିତ ଏନ୍‌ଟିପିସି ଟ୍ରେନ୍ ଲାଇନରେ ସୋମବାର ରାତିରେ ଦୁର୍ଘଟଣା ଘଟି ସିଗ୍‌ନାଲ ମ୍ୟାନ ଭାବେ କାର୍ଯ୍ୟ କରୁଥିବା ଠିକାଶ୍ରମିକ ବି. ସତ୍ୟନାରାୟଣ ଗୁରୁତର ହୋଇଛନ୍ତି। ତାଙ୍କୁ ପ୍ରଥମେ ଏନ୍‌ଟିପିସି ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ମଙ୍ଗଳବାର ସେଠାରୁ ଭୁବନେଶ୍ୱରସ୍ଥିତ ଏକ ଘରୋଇ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି। ସୂଚନାରୁ ଜଣାଯାଏ, ଏନ୍‌ଟିପିସି ଏମ୍‌ଜିଆର ବ୍ୟବସ୍ଥା ଦ୍ୱାରା ପ୍ରକଳ୍ପକୁ ଟ୍ରେନ୍ ଯୋଗେ କୋଇଲା ପରିବହନ ହେଉଛି। ରେଲୱେ ଟ୍ରାକ୍ ସମସ୍ୟାକୁ ନେଇ କାର୍ଯ୍ୟ କରୁଥିବା ବି. ସତ୍ୟନାରାୟଣ ଓ ସହଯୋଗୀ ଆର. ସତ୍ୟନାରାୟଣ କାର୍ଯ୍ୟ କରୁଥିଲେ। ସେହି ସମୟରେ ତାଳଚେରରୁ ଆସୁଥିବା ଏକ କୋଇଲା ଲୋଡିଂ ଟ୍ରେନରେ ତାଙ୍କ ପାଦ କଟିଯାଇଥିଲା। ଏ ନେଇ ଥାନାରେ କୌଣସି ମାମଲା ରୁଜୁହୋଇ ନାହିଁ।

### ଧର୍ମପରାୟଣ ବ୍ୟକ୍ତିଙ୍କ ପରଲୋକ

ଅନୁଗୋଳ ଅଫିସ, ୧୯।୩- ଅନୁଗୋଳ ବ୍ଲକ ନନ୍ଦପୁର ପଞ୍ଚାୟତ ବ୍ରହ୍ମପୁର ଗାଁର ଧର୍ମପରାୟଣ ବ୍ୟକ୍ତି ବାସୁଦେବ ପ୍ରଧାନ(୮୧)ଙ୍କ ପରଲୋକ ହୋଇଯାଇଛି। ତାଙ୍କ ବିୟୋଗରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ଜିଲା କଂଗ୍ରେସ ସଭାପତି ବିପ୍ଳବ ଜେନା, ଅନୁଗୋଳ ବ୍ଲକ ଅଧ୍ୟକ୍ଷ ନିରଞ୍ଜନ ଦେହୁରୀ, ବଂଶୀଧର ପ୍ରଧାନ, ବବିତା ନାୟକଙ୍କ ସମେତ ସ୍ଥାନୀୟ ଅଞ୍ଚଳର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ପହଞ୍ଚି ତାଙ୍କ ଶେଷ ଦର୍ଶନ କରିଥିଲେ। ମୃତ୍ୟୁ ଶଯ୍ୟା ନିକଟରେ ତାଙ୍କ ସ୍ତ୍ରୀ, ପୁଅ, ବୋହୂ, ଝିଅ, ଜ୍ୱାଇଁ ଓ ସମ୍ପର୍କୀୟମାନେ ଉପସ୍ଥିତ ଥିଲେ।

# ବିଜେଡିରେ ମିଶିଲେ ୧୦ କର୍ମୀ



**କାମାକ୍ଷାନଗର, ୧୯।୩(ଡି.ଏନ୍.ଏ.)**

କଙ୍କଡ଼ାହାଡ଼ ବ୍ଲକ ଚାନ୍ଦପୁର ପଞ୍ଚାୟତର ବିଭିନ୍ନ ଦଳର ୧୦ କର୍ମୀ ମଙ୍ଗଳବାର ବିଜେଡିରେ ସାମିଲ ହୋଇଛନ୍ତି। ଏ ନେଇ ମନ୍ତ୍ରୀ ଡା. ନୃସିଂହ ଚରଣ ସାହୁଙ୍କ ବାସଭବନରେ ମିଶ୍ରଣ ପର୍ବ ଆୟୋଜିତ ହୋଇଥିଲା। ପୂର୍ବତନ ୱାର୍ଡସଭ୍ୟ ଶିଖର ନାଏକ, ବୀରେନ ନାଏକ, ଶଙ୍କର ନାଏକ, ମେଘ ନାଏକ, ଲବଣି ନାଏକ, ଦେବ ନାଏକ, ବିଜୟ ନାଏକ, ସୁଶୀଲ ନାଏକ, ଦଣ୍ଡଧର ନାଏକ, ମଳୟ ନାଏକ ପ୍ରମୁଖ ବିଜେଡିରେ ସାମିଲ ହୋଇଛନ୍ତି।

ଜୋନ ସଭାପତି ଇଂ. ରାଜେଶ କୁମାର ଦେହୁରୀ, ନେତାଜୀ ଅଭିନନ୍ଦନ ବେହେରା, ପରଜଙ୍ଗ ଯୁବ ବିଜେଡି ସଭାପତି ସୁବ୍ରତ ଦାସ, ବରିଷ୍ଠ ନେତା ସୁଶାନ୍ତ ସାହୁ, ପୂର୍ବତନ ସମିତିସଭ୍ୟ ରବି ନାଏକ ପ୍ରମୁଖ ଉପସ୍ଥିତ ଥିଲେ।

# ରାମ ମନ୍ଦିର ପ୍ରତିଷ୍ଠା ଉତ୍ସବ ଉଦ୍‌ଯାପିତ



**ବଅଁରପାଳ, ୧୯।୩ (ଡି.ଏନ୍.ଏ)**

ଅନୁଗୋଳ ଜିଲା ବଅଁରପାଳ ବ୍ଲକ ଗିରାଙ୍ଗ ପାରାୟଣ ପଡ଼ିଆଠାରେ ଚାଲିଥିବା ଶ୍ରୀରାମ ମନ୍ଦିରର ପ୍ରତିଷ୍ଠା ଉତ୍ସବ ଉଦ୍‌ଯାପିତ ହୋଇଯାଇଛି। ଏହି ଉପଲକ୍ଷେ ହୋମଯଜ୍ଞ, ନାମ ସଂକୀର୍ତ୍ତନ, ପ୍ରସାଦ ସେବନ, ବିଗ୍ରହ ପ୍ରତିଷ୍ଠା ଆଦି କାର୍ଯ୍ୟକ୍ରମ ହୋଇଥିଲା। ସ୍ୱାମୀ ଅଖଣ୍ଡାନନ୍ଦ ମହାରାଜା ପ୍ରବଚନ ଦେଇଥିଲେ। ଆୟୋଜକ କମିଟି ସଭାପତି ଗଗନ ବିହାରୀ ସାମଲ, ସମ୍ପାଦକ ପରମାନନ୍ଦ ଗଡନାୟକ, ଉପସଭାପତି ସନ୍ତୋଷ ଗଡ଼ନାୟକ, ଦୀପକ ଗଡନାୟକ, ଅରୁଣ ଗଡ଼ନାୟକ, ଦୁଃଖବନ୍ଧୁ ଗଡ଼ନାୟକ ପ୍ରମୁଖ ସହଯୋଗ କରିଥିଲେ।

# ଆନ୍ତଃଜିଲା କ୍ରିକେଟ: ୩୦ରୁ ଖେଳାଳି ଚୟନ

**ଢେଙ୍କାନାଳ ଅଫିସ, ୧୯।୩**

୧୬ବର୍ଷ ଓ ୧୯ବର୍ଷରୁ କମ୍ ଆନ୍ତଃଜିଲା କ୍ରିକେଟ ଟୁର୍ନାମେଣ୍ଟ ଲାଗି ଜିଲା କ୍ରୀଡ଼ା ସଂଘ ପକ୍ଷରୁ ପ୍ରସ୍ତୁତି ଆରମ୍ଭ ହୋଇଛି। ଏଥିପାଇଁ ମାର୍ଚ୍ଚ ୩୦ ଓ ୩୧ରେ ୧୬ବର୍ଷରୁ କମ୍ ଏବଂ ଏପ୍ରିଲ ୬ ଓ ୭ରେ ୧୯ ବର୍ଷରୁ କମ୍ ଦଳର ଖେଳାଳି ଚୟନ ଢେଙ୍କାନାଳ ଷ୍ଟାଡିୟମରେ ଅନୁଷ୍ଠିତ ହେବ। ଇଚ୍ଛୁକ ଖେଳାଳିମାନଙ୍କୁ ନିର୍ଦ୍ଧାରିତ ତାରିଖରେ ଜନ୍ମ ପ୍ରମାଣପତ୍ର, ସତ୍ୟପାଠ, ଶିକ୍ଷାଗତ ଯୋଗ୍ୟତା ପ୍ରମାଣପତ୍ର, ମାର୍କଶିଟ୍ ସହିତ ଆବଶ୍ୟକ ଖେଳ ଉପକରଣ ଧରି ପୂର୍ବାହ୍ନ ୮ ସୁଦ୍ଧା ପହଞ୍ଚି ପଞ୍ଜୀକୃତ କରିପାରିବେ ବୋଲି ସଂଘ ସମ୍ପାଦକ ନଳିନୀ କୁମାର ଦାସ ସୂଚନା ଦେଇଛନ୍ତି।

## ଗିରଫ ହେଲେ ଦୁଇ ଟ୍ରକ୍ ଲୁଟେରା

**ଅନୁଗୋଳ ଅଫିସ, ୧୯।୩**

ଅନୁଗୋଳ ଶିମିଳିପଡ଼ା ଠାରେ ରାତିରେ ଟ୍ରକ୍ ଡ୍ରାଇଭରଙ୍କ ଠାରୁ ଲୁଟ୍ କରୁଥିବା ବେଳେ ପୋଲିସ ଦୁଇ ଜଣଙ୍କୁ ଗିରଫ କରିଛି। ଏଥିସହ ଉଭୟଙ୍କ ଠାରୁ ପୋଲିସ ଲୁଟ କରିଥିବା ୧୪ ହଜାର ଟଙ୍କା ଜବତ କରିଥିବା ତଦନ୍ତକାରୀ ଅଧିକାରୀ ତୁଷାରକାନ୍ତ ମହାନ୍ତି ସୂଚନା ଦେଇଛନ୍ତି। ଉଭୟଙ୍କ ବିରୋଧରେ ନଂ. ୧୯୬/୧୯ରେ ମାମଲା ରୁଜୁ କରାଯାଇ ତଦନ୍ତ ଚାଲିଥିବାବେଳେ ଅନ୍ୟଜଣେ ଅଭିଯୁକ୍ତ ଫେରାର ଥିବା ସୂଚନା ମିଳିଛି। ସୂଚନାଯୋଗ୍ୟ ଯେ, ରାଜକିଶୋରପଡ଼ାର ସେକ୍ ଜାଭିର(୨୦) ଓ ଜଣେ ନାବାଳକଙ୍କୁ ଧରି ଶିମିଳିପଡ଼ା ଠାରେ ଟ୍ରକ୍‌ରୁ ବଟି ଆଦାୟ କରୁଥିଲେ। ଏହି ସମୟରେ ଟ୍ରକ ଚାଳକ ଚନ୍ଦନ ସାହୁ ଜିନ୍ଦଲରେ ପଣ୍ୟ ଖଲାସ କରି ଫେରୁଥିବା ବେଳେ ତାଙ୍କ ଗାଡ଼ିକୁ ଲୁଟେରାମାନେ ଅଟକାଇଥିଲେ। ତାଙ୍କୁ ମାରଧର କରି ତାଙ୍କ ୧୪ ହଜାର ଟଙ୍କା ଛଡ଼ାଇ ନେଇଥିଲେ। ପୋଲିସ ଉଭୟଙ୍କୁ ଗିରଫ କରିବା ପରେ ଟଙ୍କା ଉଦ୍ଧାର କରାଯାଇଛି।

## ବିଜେଡି ସାଙ୍ଗଠନିକ ବୈଠକ

**କଣିହାଁ,୧୯।୩ (ଡ଼ି.ଏନ୍.ଏ)**

କଣିହାଁ ବ୍ଲକ ୯ ନଂ. ଜିଲା ପରିଷଦ ଜୋନର ବିଭିନ୍ନ ପଞ୍ଚାୟତରେ ବିଜେଡିର ସାଙ୍ଗଠନିକ ବୈଠକ ଅନୁଷ୍ଠିତ ହୋଇଥିଲା। ତାଳଚେର ବିଧାୟକ ବ୍ରଜକିଶୋର ପ୍ରଧାନ ଯୋଗଦେଇ କେନ୍ଦ୍ର ସରକାରଙ୍କୁ ସମାଲୋଚନା କରିଥିଲେ। ସେହିପରି ଆଗାମୀ ନିର୍ବାଚନରେ ବିଜେଡିକୁ ଭୋଟ ଦେବା ସହିତ ଏକାଠି କାମ କରିବାକୁ କର୍ମୀମାନଙ୍କୁ ଆହ୍ୱାନ ଦେଇଥିଲେ। ଏହି କାର୍ଯ୍ୟକ୍ରମ ବିଜିଗୋଳ, ଗଦାଶିଳା, କଣିହାଁ, କମରେଇ, ଜରଡ଼ା ଓ ବଡ଼ଗୁଣ୍ଡୁରୀ ପଞ୍ଚାୟତରେ ହୋଇଥିବାବେଳେ ତାଳଚେର ନିର୍ବାଚନ ମଣ୍ଡଳୀର କର୍ମକର୍ତ୍ତା ଓ ସମର୍ଥକ ଯୋଗ ଦେଇଥିଲେ ବୋଲି ଭରତ ବେହେରା, ବିଦ୍ୟାଧର ସାମଲ, ସୁନିଲ ପ୍ରଧାନ, ପାଣ୍ଡବ ସାହୁ ପ୍ରକାଶ କରିଛନ୍ତି।

## ପାରିକରଙ୍କ ବିୟୋଗରେ ଶୋକ

**ଛେଣ୍ଡିପଦା,୧୯।୩(ସ୍ୱ.ପ୍ର./ଡି.ଏନ.ଏ.)**

ଗୋଆ ମୁଖ୍ୟମନ୍ତ୍ରୀ ମନୋହର ପାରିକରଙ୍କ ବିୟୋଗରେ ଅନୁଗୋଳ ଜିଲା ଛେଣ୍ଡିପଦା ମଣ୍ଡଳ ଭାଜପା ସଭାପତି ଗୋପବନ୍ଧୁ ଗଡନାୟକଙ୍କ ସଭାପତିତ୍ୱରେ ଏକ ଶୋକ ସଭା ଅନୁଷ୍ଠିତ ହୋଇଛି। ସଭାରେ ସମ୍ବଲପୁର ଲୋକ ସଭା ବିସ୍ତାରକ ଗୋଦାବରୀଶ ପାତ୍ର, ସମିତି ସଭ୍ୟ ଟୁନା ସାହୁ, ଦୁର୍ଗାଚରଣ ମହାପାତ୍ର, ଅକ୍ଷୟ ପାଦ ବେହେରା, ତ୍ରିବେଣି ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ସିଟି ସ୍କାନ ମେଶିନ ଅଚଳ

**ଅନୁଗୋଳ ଅଫିସ, ୧୯।୩**

ଅନୁଗୋଳ ମୁଖ୍ୟ ଚିକିତ୍ସାଳୟରେ ଥିବା ସିଟି ସ୍କାନ ମେଶିନ ଦୁଇ ଦିନ ହେବ ଅଚଳ ହୋଇପଡ଼ିଛି। ଫଳରେ ଚିକିତ୍ସାଳୟକୁ ଆସୁଥିବା ରୋଗୀମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏ ନେଇ ଦାୟିତ୍ୱରେ ଥିବା ମ୍ୟାନେଜର ଶୁଭ୍ରାଂଶୁ ଶେଖର ସାହୁ କହିଛନ୍ତି, ଦୁଇ ଦିନ ତଳେ ବର୍ଷା ସହ ଘଡ଼ଘଡ଼ି ମାରିଥିଲା। ଏଥିରେ ମେଶିନ ଖରାପ ହୋଇଥିବା ଅନୁମାନ କରାଯାଉଛି। ବର୍ତ୍ତମାନ ମରାମତି କାର୍ଯ୍ୟ ଜାରି ରହିଛି। ଦିନେ କି ଦୁଇ ଦିନ ମଧ୍ୟରେ ଠିକ୍ ହୋଇଯିବ ବୋଲି ମ୍ୟାନେଜର ସାହୁ ସୂଚନା ଦେଇଛନ୍ତି।

## ୩ ଅଭିଯୁକ୍ତ କୋର୍ଟଚାଲାଣ

**କଣିହାଁ,୧୯।୩(ଡି.ଏନ.ଏ.)**

କଣିହାଁ ବ୍ଲକ ସମଲ ଥାନା ପୋଲିସ ମଙ୍ଗଳବାର ୨ ମହିଳାଙ୍କ ସମେତ ଜଣେ ପୁରୁଷ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେମାନେ ହେଲେ ମଇଧରପୁର ଗ୍ରାମର ମାନୀ ପ୍ରଧାନ, ମଞ୍ଜୁ ପ୍ରଧାନ, ଟୁନା ପ୍ରଧାନ। ଥାନା ସୂତ୍ରରୁ ପ୍ରକାଶ, ୨୦୧୭ରେ ପାରିବାରିକ ଜମିଜମା ବିବାଦକୁ ନେଇ ମଇଧରପୁର ଗ୍ରାମରେ ଗଣ୍ଡଗୋଳ ହୋଇଥିଲା। କୋର୍ଟ ଗିରଫ ପରୱାନା ଜିଆର ନଂ.୨୮୧/୧୭ରେ ଅଭିଯୁକ୍ତମାନଙ୍କୁ ଗିରଫ କରାଯାଇଛି।

■ନିର୍ବାଚନ ପରିଚାଳନା ବୈଠକ

# ତତ୍ପର ରହିବାକୁ ନିର୍ଦ୍ଦେଶ



ବୈଠକରେ ଉପସ୍ଥିତ ପ୍ରଶାସନିକ ଅଧିକାରୀମାନେ।

**କାମାକ୍ଷାନଗର,୧୯।୩(ଡି.ଏନ୍.ଏ.)**

କାମାକ୍ଷାନଗର ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ମଙ୍ଗଳବାର ନିର୍ବାଚନ ପରିଚାଳନା ସଂକ୍ରାନ୍ତ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଉପଜିଲାପାଳ ଇଂ. ବିଷ୍ଣୁ ପ୍ରସାଦ ଆଚାର୍ଯ୍ୟ ଏଥିରେ ସଭାପତିତ୍ୱ କରିଥିଲେ। ଢେଙ୍କାନାଳ ଲୋକସଭା କ୍ଷେତ୍ର ଅଧୀନ କାମାକ୍ଷାନଗର ଏବଂ ପରଜଙ୍ଗ ନିର୍ବାଚନମଣ୍ଡଳୀରେ ତୃତୀୟ ପର୍ଯ୍ୟାୟରେ ନିର୍ବାଚନ ଅନୁଷ୍ଠିତ ହେବ। ଏହାକୁ ଶୃଙ୍ଖଳିତ କରିବାକୁ ଉପଜିଲାପାଳ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ଇଭିଏମ୍ ପରିଚାଳନା, ନିର୍ବାଚନରେ ନିୟୋଜିତ କର୍ମଚାରୀଙ୍କ ଉପଯୁକ୍ତ ତାଲିମ ଏବଂ ଶାନ୍ତିଶୃଙ୍ଖଳା ରକ୍ଷା କରିବା ଦିଗରେ ସମସ୍ତେ ତତ୍ପର ରହିବାକୁ ସେ ନିର୍ଦ୍ଦେଶ ଦେଇଛନ୍ତି। ବୈଠକରେ କାମାକ୍ଷାନଗର ବିଡିଓ ଜ୍ୟୋତିଶଙ୍କର ସାହୁ, ତହସିଲଦାର ସୁଧାଂଶୁ ମହାନ୍ତି, କଙ୍କଡ଼ାହାଡ଼ ବିଡିଓ ଦେବଦତ୍ତ ମହନ୍ତ, ତହସିଲଦାର ସୁଜାତା ଶୁଭ ଦର୍ଶନୀ ନାୟକ, ପରଜଙ୍ଗ ବିଡିଓ ବସନ୍ତ କୁମାର ମଲ୍ଲିକ, ତହସିଲଦାର ଜୟନ୍ତ କୁମାର ଜୟସିଂ, ଭୁବନ ବିଡିଓ ରାମଚନ୍ଦ୍ର ସୋରେନ୍, ତହସିଲଦାର ଶକ୍ତିକାନ୍ତ ରାୟ, ବ୍ଲକ ଶିକ୍ଷାଧିକାରୀ ଅଜୟ ପାତ୍ର, ରାଜସ୍ୱ ଅଧିକାରିଣୀ ଦୀପ୍ତିମୟୀ ବେହେରାଙ୍କ ସମେତ ଉପଖଣ୍ଡର ବିଭିନ୍ନ ବିଭାଗର ପଦାଧିକାରୀ ଉପସ୍ଥିତ ଥିଲେ।

■ଭାଜପାର ବିଜୟ ସଂକଳ୍ପ ଅଭିଯାନ

# ରାଜ୍ୟରେ ପରିବର୍ତ୍ତନ ଆହ୍ୱାନ



**ଭୁବନ, ୧୯।୩(ଡି.ଏନ.ଏ.)**

ଢେଙ୍କାନାଳ ଜିଲା ଭୁବନ ବ୍ଲକର ମୃଦଙ୍ଗା, ମହୁଲପାଳ, ଏକତାଳି ଏବଂ ଏନ୍‌ଏସି ଅନ୍ତର୍ଗତ ନୂଆବଜାରରେ ମଙ୍ଗଳବାର ଭାଜପା ପକ୍ଷରୁ ବିଜୟ ସଂକଳ୍ପ ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜିଲା ଉପସଭାପତି ଶତ୍ରୁଘ୍ନ ଜେନାଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ରାଜ୍ୟ ଶାସନରେ ପରିବର୍ତ୍ତନ ଆଣିବାକୁ ଦଳୀୟ ନେତୃବୃନ୍ଦ ଆହ୍ୱାନ ଦେଇଥିଲେ।

ବରିଷ୍ଠ ନେତା ନବକିଶୋର ଗୁରୁ, ପବିତ୍ରମୋହନ ବିଶ୍ୱାଳ, ମାତୃ ପ୍ରସାଦ ନନ୍ଦ, ପ୍ରଭାକର ଲେଙ୍କା, ବେଣୁଧର ପ୍ରଧାନ, ଭଜମନ ସାମଲ, ଭବାନୀ ଶଙ୍କର ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ମୋଦି ସରକାର ହିଁ ଦେଶର ନେତୃତ୍ୱ ନେଇପାରିବ। ବିଜେଡି ସରକାର ଦୁର୍ନୀତିରେ ବୁଡ଼ି ରହିଛନ୍ତି। ସ୍ୱାସ୍ଥ୍ୟସେବା ବିପର୍ଯ୍ୟସ୍ତ ହୋଇପଡ଼ିଛି। ଏପରି ଶାସନରେ ସାଧାରଣ ଲୋକ ଅତିଷ୍ଠ ହୋଇଗଲେଣି। ତେଣୁ ଭାଜପା ହିଁ ରାଜ୍ୟର ବିକଳ୍ପ ହୋଇପାରିବ ବୋଲି କର୍ମକର୍ତ୍ତାମାନେ ଆହ୍ୱାନ ଦେଇଥିଲେ। ବିଭୂତି ଭୂଷଣ ପଟ୍ଟନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ସନାତନ ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# ଦକ୍ଷତା ବୃଦ୍ଧି ତାଲିମ ଶିବିର




ଶିବିରରେ ଉପସ୍ଥିତ ବନ ସୁରକ୍ଷା ସମିତି ସଦସ୍ୟାସଦସ୍ୟ।

**ଛେଣ୍ଡିପଦା,୧୯।୩(ଡି.ଏନ.ଏ.)**

ଛେଣ୍ଡିପଦା ବ୍ଲକ ତଥା ଜରପଡା ଫରେଷ୍ଟ ରେଞ୍ଜ ଅନ୍ତର୍ଗତ ଦୁର୍ଗାପୁର ପାଣସାହି ବନ ସୁରକ୍ଷା ସମିତି ସଭାଗୃହ ଠାରେ ମଙ୍ଗଳବାର ବନ ସୁରକ୍ଷା ସମିତିସ୍ତରୀୟ ଦକ୍ଷତା ବୃଦ୍ଧି ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ଜରପଡା ଜଙ୍ଗଲ ବିଭାଗ ଏବଂ ଅନୁଗୋଳ ପ୍ରକୃତି ପରିବେଶ ଓ ବନ୍ୟଜୀବନ ସମିତି(ନିଉଜ) ସଙ୍ଗଠନ ପକ୍ଷରୁ ଏହାର ଆୟୋଜନ କରାଯାଇଥିଲା। ନିଉଜ ସଙ୍ଗଠନ ବିକାଶ ଅଧିକାରୀ ଯଶୋବନ୍ତ ସାହୁଙ୍କ ତତ୍ତ୍ୱାବଧାନରେ ଶିବିରରେ ମୁଖ୍ୟଅତିଥି ଭାବେ ଜରପଡା ଫରେଷ୍ଟ ରେଞ୍ଜ ଅଫିସର ହୃଦାନନ୍ଦ ନାଏକ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଫରେଷ୍ଟର ଲୋକନାଥ ପ୍ରଧାନ, ଟିମ୍ ଲିଡର ଅଭୟ କୁମାର ଗାହାଣ, ବିକାଶ ଅଧିକାରୀ ମନୋରଞ୍ଜନ ବେହେରା, ରିସୋର୍ସ ପର୍ସନ ଭାବେ ଅମର କୁମାର ଦାଶ, ଲିଙ୍ଗରାଜ ସାହୁ ପ୍ରମୁଖ ଯୋଗ ଦେଇଥିଲେ। ଜଙ୍ଗଲ ବିକାଶ, ନୂତନ ବନୀକରଣ, ମୃତ୍ତିକା ସଂରକ୍ଷଣ, ଜଙ୍ଗଲକୁ ନିଆଁ ଦାଉରୁ ସୁରକ୍ଷା ଦେବା, ବନ୍ୟପ୍ରାଣୀଙ୍କ ସୁରକ୍ଷା, ଜଙ୍ଗଲ ଉପରେ ନିର୍ଭରଶୀଳ ଲୋକଙ୍କ ଜୀବନ ଜୀବିକା ଓ ରୋଜଗାର ଯୋଜନା ଆଦି କାର୍ଯ୍ୟକାରୀ କରିବା ଉପରେ ଏଥିରେ ଗୁରୁତ୍ୱ ଦିଆଯାଇଥିଲା। ଅନ୍ତୁଳିଆ, ରୋଡସିଙ୍ଗା, ଭାଗୀରଥିପୁର, ବକଳା ବନ ସୁରକ୍ଷା ସମିତିର ଉଭୟ ମହିଳା ଓ ପୁରୁଷ କର୍ମକର୍ତ୍ତାମାନେ ଶିବିରରେ ଉପସ୍ଥିତ ଥିଲେ।

■ନାବାଳିକା ବଳାତ୍କାର ଓ ହତ୍ୟା ମାମଲା

## କୋର୍ଟରେ ଆରମ୍ଭ ହେଲା ଟ୍ରାଏଲ

**ଅନୁଗୋଳ ଅଫିସ, ୧୯।୩**

ଜାନୁୟାରୀ ୨୦ରେ ଅନୁଗୋଳ ସହର ଉପକଣ୍ଠରେ ଘଟିଥିବା ବହୁ ଚର୍ଚ୍ଚିତ ନାବାଳିକା ବଳାତ୍କାର ଓ ହତ୍ୟା ଘଟଣାର ଟ୍ରାଏଲ ମଙ୍ଗଳବାର ଆରମ୍ଭ ହୋଇଛି। ଜିଲା ଅତିରିକ୍ତ ଦୌରାଜଜ୍ ତଥା ସ୍ୱତନ୍ତ୍ର ପୋକ୍ସୋ ଜଜ୍ ସୁରେଶ ଚନ୍ଦ୍ର ପ୍ରଧାନଙ୍କ କୋର୍ଟରେ କ୍ୟାମେରା ଟ୍ରାଏଲ ଚାଲିଥିବା ମାମଲା ପରିଚାଳନା କରୁଥିବା ଓକିଲ ସ୍ପେଶାଲ ପିପି ସରୋଜ ପଟ୍ଟନାୟକ ସୂଚନା ଦେଇଛନ୍ତି।

ଅପରାହ୍ନରେ ଅଭିଯୁକ୍ତ ଅନାମଙ୍କ ଟ୍ରାଏଲରେ ଜଣେ ସାକ୍ଷ୍ୟ ପ୍ରଦାନ କରିଥିବା ବେଳେ ପ୍ରତ୍ୟେକ ଦିନ ସାକ୍ଷ୍ୟ ଗ୍ରହଣ କରାଯିବ। ସେହିପରି କୌଣସି ଓକିଲ ଅନାମଙ୍କ ସପକ୍ଷରେ କେସ୍ ଲଢ଼ିବାକୁ ମନା କରିଦେଇଥିବାରୁ ସରକାରଙ୍କ ପକ୍ଷରୁ ରଜତ ଦାସଙ୍କୁ ଉକ୍ତ ଦାୟିତ୍ୱ ପ୍ରଦାନ କରାଯାଇଛି। ଫେବୃୟାରୀ ୧୯ରେ ପୋଲିସ ଚାର୍ଜଶିଟ୍ ଦାଖଲ କରିଥିଲା। ମାସେ ମଧ୍ୟରେ ଚାର୍ଜଶିଟ୍ ଦାଖଲ ସହ ଟ୍ରାଏଲ ପାଇଁ ଆବେଦନ କରାଯିବ ବୋଲି ତଦନ୍ତ ବେଳେ ଏସ୍‌ପି ମିତ୍ରଭାନୁ ମହାପାତ୍ର ପ୍ରତିଶ୍ରୁତି ଦେଇଥିଲେ। ଦୁଇ ମାସ ମଧ୍ୟରେ ଅନୁଗୋଳ କୋର୍ଟରେ କୌଣସି ବଳାତ୍କାର ଓ ହତ୍ୟା ମାମଲାର ଟ୍ରାଏଲ ପ୍ରଥମ ଘଟଣା ବୋଲି ଓକିଲମାନଙ୍କ ପକ୍ଷରୁ କୁହାଯାଇଛି। ସମସ୍ତଙ୍କ ସାକ୍ଷ୍ୟ ଗ୍ରହଣ ସରିବା ପରେ ଶୁଣାଣି ହେବ।

**ଧରିତ୍ରୀର ଢେଙ୍କାନାଳ ପ୍ରତିନିଧିଙ୍କ ଟେଲିଫୋନ ନମ୍ବର**

ଢେଙ୍କାନାଳ ଅଫିସ- (୦୬୭୬୨)-୨୨୪୨୫୪, ଢେଙ୍କାନାଳ-୯୪୩୭୦୯୪୦୩୭, ଓଡାପଡା-୯୪୩୭୦୯୩୮୨୨, କାମାକ୍ଷାନଗର-୯୪୩୭୩୬୦୯୭୦, ହିନ୍ଦୋଳ-୭୮୯୪୪୬୨୯୦୫, ଭୁବନ-୭୮୯୪୪୬୨୯୦୭, ପରଜଙ୍ଗ-୯୯୩୭୮୬୪୨୯୧, ଭାପୁର-୯୯୩୭୦୭୯୭୭୦, ରାସୋଳ-୯୪୩୭୭୦୬୧୬୭, ସାତମାଇଲ-୯୯୩୭୬୫୧୪୨୮, ଅନୁଗୋଳ ଅଫିସ-(୦୬୭୬୪)-୨୩୬୫୫୬, ଅନୁଗୋଳ- ୯୮୫୩୮୪୯୧୨୩, ଅନୁଗୋଳ (ଫଟୋଗ୍ରାଫର)- ୯୮୬୧୨୨୦୬୫୫, ତାଳଚେର- ୦୪୩୭୨୯୨୪୭୮, କଣିହାଁ-୭୮୯୪୪୬୨୯୧୨, ବଅଁରପାଳ- ୭୮୯୪୪୬୨୯୧୬, ବନ୍ତଳା-୯୯୩୭୯୦୮୯୧୫, ଆଠମଲ୍ଲିକ- ୭୮୯୪୪୬୨୯୧୭, ବଇଣ୍ଡା- ୭୮୯୪୪୬୨୯୧୮, ଛେଣ୍ଡିପଦା- ୭୮୯୪୪୬୨୯୧୯, ପାଲଲହଡା- ୭୮୯୪୪୬୨୯୨୧, ପବିତ୍ରନଗର- ୮୦୧୮୧୩୫୩୩୧।

## ସଂକ୍ଷେପରେ

### ଚାଳକଙ୍କୁ ମାଡ଼ମାରି ଟ୍ରକ୍ ଲୁଟ୍

ତାଳଚେର,୧୯।୩(ନି.ପ୍ର.): ତାଳଚେର ବ୍ଲକ ଚାଇଁପାଳ ଗ୍ରାମ ନିକଟରୁ ସୋମବାର ରାତିରେ ଏକ କୋଇଲା ବୋଝେଇ ଟ୍ରକ୍ ଚୋରି ହୋଇଥିବା ଥାନାରେ ଅଭିଯୋଗ ହୋଇଛି। ତାଳଚେର ରେମୁଆଁର ଦେବାର୍ଚ୍ଚନ ସାହୁଙ୍କ ଟ୍ରକ୍ (ନଂ. ଓଆର୧୯ଏଫ- ୨୨୨୩) ଅନନ୍ତ କୋଇଲା ଖଣିରୁ କୋଇଲା ବୋଝେଇ କରି ଆଣିଥିଲା। ଚାଇଁପାଳ ଗ୍ରାମ ନିକଟରେ ଜାତୀୟ ରାଜପଥ ଉପରେ ଗାଡି ରଖି ଚାଳକ ପ୍ରତାପ ବେହେରା ଶୋଇଥିଲେ। ଏହି ସମୟରେ ୩/୪ଜଣ ଦୁର୍ବୃତ୍ତ ଆସି ଚାଳକଙ୍କୁ ମାଡ ମାରି ଟ୍ରକ୍ ନେଇ ପଳାଇଥିଲେ। ମଙ୍ଗଳବାର ତାଳଚେର ଥାନାରେ ଅଭିଯୋଗ ହେବା ପରେ ନଂ. ୮୩/୧୯ରେ ଏକ ମାମଲା ରୁଜୁ କରାଯାଇ ତଦନ୍ତ ଜାରି ରହିଛି।

■ବଢୁଛି ଚୋରା କାଠ ଚାଲାଣ

# ଜିଲାପାଳଙ୍କୁ ଅଭିଯୋଗ କଲା ନାଗରିକ ମଞ୍ଚ

ବଇଣ୍ଡା,୧୯।୩(ଡି.ଏନ.ଏ.)

ଆଠମଲ୍ଲିକ ବ୍ଲକ ଧଣ୍ଡାତୋପା ରେଞ୍ଜରେ ଥିବା ମଇମୁରା, କେଞ୍ଜୁଆନାଳୀ, ବିପ୍ରଡ଼ିହ, କଂସାବ ଜଙ୍ଗଲରୁ କିଛି ମାସ ହେବ ମୂଲ୍ୟବାନ କାଠ ଚୋରା ଚାଲାଣ କରାଯାଉଥିବା ଅଭିଯୋଗ ହେଉଛି। ଏ ଦିଗରେ ବନ ବିଭାଗ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଉ ନ ଥିବାରୁ ମଙ୍ଗଳବାର ମଇମୁରା ସଚେତନ ନାଗରିକ ମଞ୍ଚ ପକ୍ଷରୁ ଜିଲାପାଳଙ୍କୁ ଅଭିଯୋଗପତ୍ର ମାଧ୍ୟମରେ ଅବଗତ କରାଯାଇଛି।

ମଞ୍ଚ ପକ୍ଷରୁ ଅଭିଯୋଗ କରାଯାଇଛି ଯେ, ଆଠମଲ୍ଲିକ ଉପଖଣ୍ଡର ମଇମୁରା ପଞ୍ଚାୟତରେ ଥିବା ଜଙ୍ଗଲ ଅସୁରକ୍ଷିତ ହୋଇପଡ଼ିଛି। ଦୈନିକ ଚୋରା କାଠ ବ୍ୟବସାୟୀମାନେ ଏଠାରୁ ଗଛ କାଟି ଅବାଧରେ ଚାଲାଣ କରୁଛନ୍ତି। ବନ ବିଭାଗ ପକ୍ଷରୁ ପାଟ୍ରୋଲିଂ କରାଯାଉ ନ ଥିବାରୁ ଏହି କାରବାର ବେଶ୍ ବଢ଼ିଯାଇଛି। ସାତକୋଶିଆ ଅଞ୍ଚଳର କେତେଜଣ କାଠ ଚୋର ବନ ବିଭାଗର କିଛି କର୍ମଚାରୀଙ୍କୁ ହାତ କରି ବିପ୍ରଡ଼ିହ, କଂସାବ, ମଇମୁରା, କେଞ୍ଜୁଆନାଳୀ ଜଙ୍ଗଲରେ କ୍ୟାମ୍ପ କରି ରହିଛନ୍ତି। ବିଳମ୍ବିତ ରାତିରେ ସେମାନେ ଶାଗୁଆନ, ଶାଳ, ଶିଶୁ ଆଦି ମୂଲ୍ୟବାନ ଗଛ କାଟି ଜିଲା ବାହାରକୁ ଚାଲାଣ କରୁଛନ୍ତି। କିଛି ମାସ ତଳେ ଏହି ଜଙ୍ଗଲରେ ବାଘୁଣୀ ସୁନ୍ଦରୀ ବୁଲୁଥିବାରୁ ଭୟରେ କର୍ମଚାରୀମାନେ ପାଟ୍ରୋଲିଂ କରୁ ନ ଥିଲେ। ହେଲେ ବାଘୁଣୀକୁ ଏନ୍‌କ୍ଲୋଜରରେ ରଖାଯାଇଥିଲେ ବି ବନ ବିଭାଗର ନିଷ୍କ୍ରିୟତାର ସୁଯୋଗ ନେଇ କାଠ ଚୋରମାନେ ଏଠାରେ ସକ୍ରିୟ ହୋଇପଡ଼ିଛନ୍ତି। ବାରମ୍ବାର ଧଣ୍ଡାତୋପା ବନ ବିଭାଗ କାର୍ଯ୍ୟାଳୟଠାରେ ଅଭିଯୋଗ କରାଗଲେ ମଧ୍ୟ କେହି ଶୁଣୁ ନାହାନ୍ତି। ତୁରନ୍ତ ଏ ନେଇ ପଦକ୍ଷେପ ନେବାକୁ ମଞ୍ଚ ପକ୍ଷରୁ ଜିଲାପାଳଙ୍କ ନିକଟରେ ଦାବି କରାଯାଇଛି। ଧଣ୍ଡାତୋପା ରେଞ୍ଜର ରାହାସ ସାହୁ ଜଙ୍ଗଲରେ ପାଟ୍ରୋଲିଂ କରାଯାଉଛି ବୋଲି କହି ପ୍ରସଙ୍ଗକୁ ଏଡ଼ାଇ ଯାଇଥିଲେ।

### ସେଣ୍ଟ ଜାଭିୟର୍ସ ହାଇସ୍କୁଲ ସ୍ଥାନାନ୍ତର

ଅନୁଗୋଳ ଅଫିସ, ୧୯।୩

ଅନୁଗୋଳ ଜିଲା ନାଲ୍‌କୋନଗର ଏଫ୍‌ସିଆଇ ସ୍ଥିତ ସେଣ୍ଟ ଜାଭିୟର୍ସ ହାଇସ୍କୁଲ ଆସନ୍ତା ଏପ୍ରିଲ ୪ରୁ କୁଲାଡ଼ ହିନ୍ଦୁସ୍ଥାନ ପେଟ୍ରୋଲ ପମ୍ପ ଜାତୀୟ ରାଜପଥ ସମ୍ମୁଖକୁ ସ୍ଥାନାନ୍ତର ହେବ। ଆଗାମୀ ଶିକ୍ଷାବର୍ଷ ୨୦୧୯-୨୦ ପ୍ରାରମ୍ଭରୁ ଛାତ୍ରୀଛାତ୍ରମାନେ ଏହି ନୂତନ ସ୍ଥାନରେ ବିଦ୍ୟାଲାଭ କରିପାରିବେ। ବର୍ତ୍ତମାନ ଛାତ୍ରୀଛାତ୍ରଙ୍କ ପ୍ରବେଶ ଗ୍ରହଣ ତଥା ପାଠ୍ୟପୁସ୍ତକ ବିତରଣ ପ୍ରକ୍ରିୟା ଜାରି ରହିଛି ବୋଲି ସ୍କୁଲ ମ୍ୟାନେଜମେଣ୍ଟ ପକ୍ଷରୁ ଏକ ପ୍ରେସ୍ ବିବୃତିରେ କୁହାଯାଇଛି।

# ଟ୍ରକ୍ ଲୁଟ୍ ଉଦ୍ୟମ, ୨ ଗିରଫ

ଛେଣ୍ଡିପଦା,୧୯।୩(ଡି.ଏନ.ଏ.) (ସ୍ୱ.ପ୍ର.)



ଗିରଫ ଦୁଇ ରାଜପଥ ଲୁଟେରା।

ଛେଣ୍ଡିପଦା-ଅନୁଗୋଳ ପୂର୍ତ୍ତ ରାସ୍ତାର ପଳାଶବଣିଆ ଗ୍ରାମ ନିକଟରେ ସୋମବାର ବିଳମ୍ବିତ ରାତିରେ ଏକ ଟ୍ରକ୍ ଲୁଟ୍ ଉଦ୍ୟମ କରିଥିବା ଦୁଇ ରାଜପଥ ଲୁଟେରାଙ୍କୁ ଛେଣ୍ଡିପଦା ପୋଲିସ ଗିରଫ କରିଛି। ଏଥିସହ ଜଙ୍ଗଲ ମଧ୍ୟରେ ଲୁଚା ଯାଇଥିବା ଟ୍ରକ୍‌କୁ ପୋଲିସ ଉଦ୍ଧାର କରିଛି।

ପୋଲିସ କହିଛି, ଜରପଡା ଆଡୁ ଛେଣ୍ଡିପଦା ଅଭିମୁଖେ ଏକ ୧୨ ଚକିଆ ଟ୍ରକ୍ (ନଂ. ଓଡି୧୯ପି-୬୧୬୧) ଯାଉଥିବା ବେଳେ ଦୁଇ ଲୁଟେରା ବାଲିପଟା ଗ୍ରାମର ଶୁକଦେବ ମାଲୁଆ (୩୦) ଏବଂ ରଜତ ଖୁଲାର (୨୯) ରାସ୍ତାରେ ବାଇକ୍ (ନଂ. ଓଡି୧୯ କେ-୨୯୬୫) ରଖି ଟ୍ରକ୍‌କୁ ଅଟକାଇଥିଲେ। ଏହାପରେ ଚାଳକ ପରଜଙ୍ଗ ଅଞ୍ଚଳର ଆନନ୍ଦ ଚନ୍ଦ୍ର ପ୍ରଧାନଙ୍କୁ ମାରପିଟ୍ କରି ଲୁଟ୍‌ପାଟ କରିଥିଲେ। ପରେ ଚାବି ଛଡାଇ ଟ୍ରକ୍ ନେଇ ପଳସାବଣିଆ ଜଙ୍ଗଲ ଭିତରକୁ ପଳାଇ ଯାଇଥିଲେ। ଘଟଣାସ୍ଥଳରୁ କୌଶଳ କ୍ରମେ ଖସି ଆସିଥିବା ଚାଳକ ଆନନ୍ଦ ଏ ନେଇ ଥାନାରେ ଅଭିଯୋଗ କରିବା ପରେ ପୋଲିସ ପକ୍ଷରୁ ଏକ ସ୍ୱତନ୍ତ୍ର ଟିମ୍ ଜଙ୍ଗଲରେ ଚଢ଼ାଉ କରିଥିଲା। ସେଠାରେ ଲୁଚାଇ ରଖାଯାଇଥିବା ଟ୍ରକ୍‌କୁ ଉଦ୍ଧାର କରାଯିବା ସହ ଦୁଇ ଅଭିଯୁକ୍ତ ଶୁକଦେବ ଓ ରଜତଙ୍କୁ ଗିରଫ କରାଯାଇଥିଲା। ଲୁଟ୍‌ରେ ବ୍ୟବହୃତ ବାଇକ୍‌କୁ ମଧ୍ୟ ଜବତ କରାଯାଇଥିଲା। ସବ୍ ଇନ୍ସପେକ୍ଟର ବି.କେ. ୱାଇ, ଏ.ଡବ୍ଲ୍ୟୁ. ଖାନ, ପି.ସି. ଦଳେଇ, ଏଏସ୍‌ଆଇ ଏସ. ପି. ଧୀର ପ୍ରମୁଖ ଏହି ଚଢ଼ାଉ କରିଥିଲେ। ଏ ନେଇ ଥାନାରେ ନମ୍ବର ୧୦୯/୨୦୧୯ରେ ଏକ ମାମଲା ରୁଜୁ କରାଯାଇଛି।

# କୁଲାଡ଼ ସାରକିଲି କ୍ରିକେଟ : ତୁଳସୀପାଳ ଚାମ୍ପିୟନ



ବଅଁରପାଳ,୧୯।୩(ଡି.ଏନ.ଏ.)

ବଅଁରପାଳ ବ୍ଲକ କୁଲାଡ଼ ବାବାସ କ୍ଲବ ପକ୍ଷରୁ ଚାଲିଥିବା ସାରକିଲି କ୍ରିକେଟ୍ ଟୁର୍ନାମେଣ୍ଟ ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ୮ଟି ଟିମ୍ ଅଂଶଗ୍ରହଣ କରିଥିଲେ। ଫାଇନାଲ ମ୍ୟାଚ୍ କୁଲାଡ଼ ବାବାସ କ୍ଲବ ଓ ତୁଳସୀପାଳ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। କୁଲାଡ଼ ପ୍ରଥମେ ବ୍ୟାଟିଂ କରି ୬୯ ରନ ସଂଗ୍ରହ କରିଥିଲା। ଜବାବରେ ତୁଳସୀପାଳ ଆବଶ୍ୟକ ରନ କରି ଚାମ୍ପିୟନ ହୋଇଥିଲା। ଅଜିତ କୁମାର ମ୍ୟାନ ଅଫ ଦି ମ୍ୟାଚ ଓ କୁଲାଡ଼ର ଚନ୍ଦନ ସେଠ ମ୍ୟାନ ଅଫ ଦି ସିରିଜ ବିବେଚିତ ହୋଇଥିଲେ। ସୁବାସ ଦାସ, ପ୍ରଶାନ୍ତ ଧୀର ଖେଳ ପରିଚାଳନା କରିଥିଲେ। ପ୍ରଦୀପ ବାରିକ ଧାରା ବିବରଣୀ ପ୍ରଦାନ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ କୁଲାଡ଼ ସରପଞ୍ଚ ଶେଷଦେବ ଦେହୁରୀ ଯୋଗ ଦେଇଥିଲେ। ଆୟୋଜକ କ୍ଲବ ସଭାପତି ଦୀନେଶ ଜେନା, ଉପେନ୍ଦ୍ର ରାଉତ, ତରୁଣ ସ୍ୱାଇଁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ଉପେନ୍ଦ୍ର ସେଠ, ତପନ କୁମାର ଜେନା, କାହ୍ନା ଦେହୁରୀ ଚନ୍ଦନ ସେଠ, ଛୋଟୁ ବାରିକ, ସୋନୁ ବାରିକ ପ୍ରମୁଖ ସହଯୋଗ କରିଥିଲେ।

# ଲକ୍ଷାଧିକ ଟଙ୍କାର ଅଳଙ୍କାର ଚୋରି

ବଇଣ୍ଡା,୧୯।୩(ଡି.ଏନ.ଏ.)

ହଣ୍ଡପା ଥାନା ବଇଣ୍ଡା ଶିକ୍ଷକପଡ଼ା ଅଞ୍ଚଳର କୀର୍ତ୍ତନ ବିହାରୀ ପ୍ରଧାନଙ୍କ ଘରୁ ସୋମବାର ବିଳମ୍ବିତ ରାତିରେ କେତେଜଣ ଦୁର୍ବୃତ୍ତ ଲକ୍ଷାଧିକ ଟଙ୍କାର ସୁନା, ରୁପା ଚୋରି କରିଥିବା ମଙ୍ଗଳବାର ଥାନାରେ ଅଭିଯୋଗ ହୋଇଛି। ପୋଲିସ ନଂ. ୪୦/୧୯ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ପୋଲିସ କହିଛି, କୀର୍ତ୍ତନ ଶୋଇଥିବା ବେଳେ କେତେଜଣ ଦୁର୍ବୃତ୍ତ ତାଙ୍କ ଗଡରେଜ ତାଲା ଭାଙ୍ଗି ଲକ୍ଷାଧିକ ଟଙ୍କାର ସୁନା ଗହଣା ସମେତ କିଛି ପିନ୍ଧା ବସ୍ତ୍ର ଚୋରି କରି ନେଇଯାଇଥିବା ଅଭିଯୋଗପତ୍ରରେ ଦର୍ଶାଯାଇଛି। ଖବରପାଇ ଆଠମଲ୍ଲିକ ଏସ୍‌ଡିପିଓ ଏସ୍. କରିମ, ହଣ୍ଡପା ଆଇଆଇସି ଲବ ବୋଡ଼ାଙ୍କ ସମେତ ସାଇଣ୍ଟିଫିକ ଟିମ୍, ସନ୍ଧାନୀ କୁକୁର ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିଲେ ମଧ୍ୟ ଦୁର୍ବୃତ୍ତଙ୍କ ପତ୍ତା ମିଳିପାରି ନାହିଁ।









Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, S-3/5, Industrial Estate, Angul. Published at Kunjakanta, Dhenkanal, Editor- Tathagata Satpathy, ସମ୍ପାଦକ– ତଥାଗତ ସତପଥୀ